**ଚାକିରି ଖୋଜିବାକୁ ଆସିଥିବା ଯୁବକଙ୍କ ଆତ୍ମହତ୍ୟା**

ଭୁବନେଶ୍ୱର,(ବ୍ୟୁରୋ):ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଅଞ୍ଚଳସ୍ଥିତ ଏକ ପିଜି ହଷ୍ଟେଲରେ ରହୁଥିବା ଜଣେ ଯୁବକ ଫ୍ୟାନରେ ଚାଦର ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦେବଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ଗ୍ରାମ ରାଜମୁଣ୍ଡାର ଶଶିଭୂଷଣ ପ୍ରଧାନ (୩୦)। ବୁଧବାର ଏହି ଘଟଣା ଘଟିଥିବା ବେଳେ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପରମ ସନ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୧୧୨ତମ ଜୟନ୍ତୀ, ଏକାମ୍ର ସତ୍ୟସେବା ଆଶ୍ରମ, ୟୁନିଟ୍-୯, ସକାଳ ୮ଟା।
- ଭିଜିଲାନ୍ସ ପକ୍ଷରୁ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟନ, ସୂର୍ଯ୍ୟନଗର, ସକାଳ ୯ଟା ୪୫।
- ବିସିସିଆଇ ପକ୍ଷରୁ ଦିନିକିଆ କର୍ମଶାଳା, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଉଠାଦୋକାନୀ ଦିବସ, ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍, ପୂର୍ବାହ୍ନ ୧୦ଟା ୪୫।
- ପିଏମ୍‌ସ ରୋଜଗାର ମେଳା, ସିଏସ୍‌ଆଇଆର୍- ଆଏମ୍‌ଏମ୍‌ଟି, ଆଚାର୍ଯ୍ୟ ବିହାର ପାଖ, ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟ ମହାସଂଘର ଜାତୀୟ ଉଠା ବ୍ୟବସାୟୀ ଦିବସ ପାଳନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୧ଟା।
- ମଦର ପବ୍ଲିକ ସ୍କୁଲର ଉଦ୍‌ଘାଟନୀ, ପାହାଳ, ପୂର୍ବାହ୍ନ ୧୧ଟା ୩୦।
- ନିଖିଳ ଓଡ଼ିଶା ବସ୍ତିଉନ୍ନୟନ ମହାସଂଘ ପକ୍ଷରୁ ଶ୍ରମିକ ନେତା ଦାମୋଦର ମହାପାତ୍ରଙ୍କ ବିୟୋଗରେ ସ୍ମୃତିସଭା, ବାପୁଜୀ ନଗର ପାଣିଟାଙ୍କି ନିକଟ, ସନ୍ଧ୍ୟା ୬ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜୟଦେବ ସମାରୋହ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ବିଚ୍ଛନ୍ଦଚରଣ ପଟ୍ଟନାୟକ ଜୟନ୍ତୀ ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ନିରଞ୍ଜନ ମିଶନ, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଦୁର୍ଗାପୂଜା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଉଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ, ସନ୍ଧ୍ୟା ୭ଟା।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ପ୍ରାଚୀ ନଦୀରେ ରଚନ୍ତି ବୁଡ଼, ପାରିବାସୁଦେଇପୁରସ୍ଥିତ ବନବିହାରୀ ଦେବଙ୍କ ପୀଠ, ପୂର୍ବାହ୍ନ ୧୧ଟା।

# ରାସ୍ତାରେ ଅଳିଆ ପଡ଼ିଲେ କାର୍ଯ୍ୟାନୁଷ୍ଠାନ

## ପରିମଳକୁ ନେଇ ବିଏମ୍‌ସିର ଚେତାବନୀ

■ ଦାୟୀ ହେବେ ୱାର୍ଡ ଅଫିସର, ସାନିଟେଶନ ଇନ୍ସପେକ୍ଟର

ଭୁବନେଶ୍ୱର, ୧୯।୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ପରିମଳ ବ୍ୟବସ୍ଥା ସୁଧୁରିବାର ନାଁ ଧରୁନି। କାନ୍ଥବାଡ଼ରେ ଯେତେ ରଙ୍ଗ ବୋଳି ସୌନ୍ଦର୍ଯ୍ୟକରଣ କରାଗଲେ ବି ସହରର ବିଭିନ୍ନ ସ୍ଥାନରେ ଏବେ ବି ଅଳିଆ ଆବର୍ଜନା ପଡ଼ିରହୁଛି। ଗଳିକନ୍ଦି ଏପରିକି କେତେକ ମୁଖ୍ୟରାସ୍ତାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏବେ ବିଶ୍ୱକପ୍ ହକି ଚାଲୁଥିବାବେଳେ ବିଭିନ୍ନ ଦେଶରୁ ଖେଳାଳୀ ଏବଂ ସେମାନଙ୍କ ପ୍ରଶଂସକମାନେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ସେମାନେ ଯିବାବେଳେ ଯେପରି ସହରର ନିର୍ମଳ ଛବି ନେଇ ଫେରିବେ ସେଥିପାଇଁ ଯଥାସାଧ୍ୟ ଉଦ୍ୟମ କରୁଛି ବିଏମ୍‌ସି। ବାରମ୍ବାର ବୈଠକ କରି ଅଧିକାରୀମାନଙ୍କୁ ତାଗିଦା କରାଯାଉଛି। ମାତ୍ର ଏତେ ପରେ ବି ଅଧିକାଂଶ ରାସ୍ତାକଡ଼ରୁ ଆବର୍ଜନା ଉଠିପାରୁନାହିଁ। ଯାହାକୁ ନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଅସନ୍ତୋଷ ପ୍ରକାଶ କରିବା ସହ ତାଗିଦା କରିଛନ୍ତି। ଏଣିକି ଯେଉଁ ୱାର୍ଡରେ ରାସ୍ତାକଡ଼ରେ ଆବର୍ଜନା ଏବଂ ଖୋଲା ଡ୍ରେନ୍ ଦେଖିବାକୁ ମିଳିବ, ସମ୍ପୃକ୍ତ ୱାର୍ଡ ଅଫିସର ଏବଂ ସାନିଟେଶନ୍ ଇନ୍ସପେକ୍ଟର (ଏସ୍‌ଆଇ)ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

କମିଶନରଙ୍କ ଅଧ୍ୟକ୍ଷତାରେ ବୁଧବାର ୱାର୍ଡ ଅଫିସର, ଏସ୍‌ଆଇ ଏବଂ ନିୟୋଜିତ ସଫେଇ ସଂସ୍ଥାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଫେଇ ସଂସ୍ଥାଠାରୁ ଆରମ୍ଭ କରି ୱାର୍ଡ ଅଫିସରଙ୍କ ପର୍ଯ୍ୟନ୍ତ ସମସ୍ତେ ରୋଷର ଶିକାର ହୋଇଥିଲେ। ରାସ୍ତାକଡ଼ରେ ଯେପରି ଆବର୍ଜନା ଗଦା ନ ହେବ ସେଥିପାଇଁ ୱାର୍ଡ ଅଫିସରମାନେ ଧ୍ୟାନ ଦେବେ। ବାହାରେ ଅଳିଆ ପଡ଼ିଥିଲେ ତୁରନ୍ତ ସେଠାରୁ ଆବର୍ଜନା ଉଠାଯିବ। ଏଥିସହ ଯେଉଁ ବ୍ୟକ୍ତି ନିଜ ଘର ଆଗ କିମ୍ବା ଅନ୍ୟ କୌଣସି ସ୍ଥାନରେ ଭଙ୍ଗାରୁଜା ଆବର୍ଜନା ଗଦା କରିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ପରିମଳ ସହିତ ରାସ୍ତାଘାଟ ଓ ଖୋଲା ଡ୍ରେନ୍ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। କିଛିଦିନ ତଳେ ଖୋଲା ଡ୍ରେନ୍‌ରେ ପଡ଼ି ଜଣେ ବିଦେଶୀ ଫଟୋଗ୍ରାଫର ଆହତ ହେବା ପରେ ଏହାକୁ ଗୁରୁତ୍ୱର ସହିତ ନେଇଛି ବିଏମ୍‌ସି। ସହରର କୌଣସି ଡ୍ରେନ୍ ଯେପରି ମୁକୁଳା ନ ରୁହେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ନିଜ ନିଜ ଅଞ୍ଚଳରେ ଥିବା ମୁକୁଳା ଡ୍ରେନ୍ ସମ୍ପର୍କରେ ଅବଗତ କରାଇବା ସହିତ ଖରାପ ରାସ୍ତା ଥିଲେ ଇଞ୍ଜିନିୟରଙ୍କୁ ସୂଚନା ଦେବା ପାଇଁ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଥାଶୀଘ୍ର ଏହି କାର୍ଯ୍ୟ ସାରିବାକୁ କମିଶନର କହିଛନ୍ତି। ଏଥିସହ ୱାର୍ଡ ଗସ୍ତ ସମୟରେ ଏଭଳି କିଛି ସମସ୍ୟା ଦେଖିଲେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ଏବଂ ଏସ୍‌ଆଇଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଚେତାବନୀ ଦେଇଛନ୍ତି। ଏବେ ଉଟ୍ ଫେଷ୍ଟ ଏବଂ ବିଶ୍ୱକପ୍ ହକି ଚାଲିଥିବାରୁ ସେମାନଙ୍କ ଉପରେ ପ୍ରବଳ ଚାପ ରହିଥିବାବେଳେ କମିଶନରଙ୍କ ନୂଆ ନିର୍ଦ୍ଦେଶକୁ କିପରି କାର୍ଯ୍ୟକାରୀ କରିବେ ସେନେଇ ୱାର୍ଡ ଅଫସର ଏବଂ ସାନିଟେଶନ ଇନ୍ସପେକ୍ଟରମାନେ ଚିନ୍ତାରେ ପଡ଼ିଛନ୍ତି।



ଭକ୍ତ କବି ମଧୁସୂଦନ ରାଓଙ୍କ ୧୭୦ତମ ଜୟନ୍ତୀରେ ଗୁରୁବାର ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ 'ଉଇ ଫର୍ ଭୁବନେଶ୍ୱର' ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

# ୨୩ ନଂ. ୱାର୍ଡରେ ୭ ମିନି ପାର୍କ ଉଦ୍‌ଘାଟିତ



ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ସହରର ଚିତ୍ର ବଦଳୁଛି। ବର୍ଷାଜଳ ଅମଳ ପ୍ରକଳ୍ପ ସହିତ ଏବେ ମୁକ୍ତା ଅଧୀନରେ ମୁକ୍ତାକାଶ ଜିମ୍ ଏବଂ ମିନି ପାର୍କ ନିର୍ମାଣ କରାଯାଉଛି। ଏହି କ୍ରମରେ ଗୁରୁବାର ୨୩ନମ୍ବର ୱାର୍ଡରେ ୭ଟି ମୁକ୍ତାକାଶ ମିନି ପାର୍କ ଉଦ୍‌ଘାଟିତ ହୋଇଛି। ପାର୍କଗୁଡ଼ିକର ଆକାର ଅଧ ଏକରରୁ ଅଧିକ ଓ ୧ ଏକରରୁ କମ୍ ରହିଛି। ଏଥିସହ ପ୍ରତ୍ୟେକ ପାର୍କରେ ଗାର୍ଡରୁମ୍ ସହିତ ଯୋଗ ପିଣ୍ଡି, ଲୁହା ଗେଟ୍, ଜଗିଂ ଟ୍ରାକ୍ (୧୦୦ ମିଟର ମୋରମ ଟ୍ରାକ୍), ପେଭର ବ୍ଲକ୍ (୨୦୦ ମିଟର ପାଥ୍ ୱେ), ପରିସ୍ରାଗାର, ସିମେଣ୍ଟ ବେଞ୍ଚ, ଏଫ୍‌ଆର୍‌ପି ବେଞ୍ଚ, ଇରିଗେଶନ ସିଷ୍ଟମ ଆଦି ସମସ୍ତ ବ୍ୟବସ୍ଥା ରହିଛି। ପାର୍କ ନିର୍ମାଣ ପାଇଁ ୩୫ରୁ ୪୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ନପୂର୍ଣ୍ଣା ଏଏଲ୍‌ଏଫ୍, ନାରୀଶକ୍ତି ଏଏଲ୍‌ଏଫ୍ ଏବଂ ଆରାଧନା ଏଏଲ୍‌ଏଫ୍ ଏସ୍‌ଏଚ୍‌ଜି ଗୋଷ୍ଠୀ ଏହାର ନିର୍ମାଣ କରିଥିବା ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ବିରଞ୍ଚି ନାରାୟଣ ମହାସୁପକାର, ମିହିର ରାଉତ ଏବଂ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ୨୪ରୁ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ୍

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

କଳିଙ୍ଗ ଲିଟେରାରି ଫେଷ୍ଟିଭାଲ୍ (କେଏଲ୍‌ଏଫ୍) ପକ୍ଷରୁ ୨୦୨୨ ବର୍ଷ ପାଇଁ କେଏଲ୍‌ଏଫ୍ ପୁସ୍ତକ ପୁରସ୍କାର ଘୋଷଣା କରାଯାଇଛି। ସଞ୍ଜୀବ ସାନ୍ୟାଲ, ହିନ୍ଦୋଲ୍ ସେନଗୁପ୍ତା, ରଣଜିତ ହସ୍‌କୋଟେ, ଅକ୍ଷୟ ମୁକୁଲ, ପ୍ରବୀଣ କୁମାର ପ୍ରମୁଖଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଉପନ୍ୟାସ, ଅଣଉପନ୍ୟାସ, ଅନୁବାଦ, କାବ୍ୟ, ହିନ୍ଦୀ ଭାଷା, ଭାଷା ପ୍ରଥମ, ବାଣିଜ୍ୟ, ପରିବେଶ, ଜୀବନୀ ଓ ଆତ୍ମଜୀବନୀ, କ୍ରୀଡ଼ା, ଜୀବନଶୈଳୀ ଓ ଉଦୀୟମାନ ଧାରା ଏବଂ ଶିଶୁ ପୁସ୍ତକ ଆଦି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଫେବୃୟାରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଏହି ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏହି ଅବସରରେ ସାନ୍ୟାଲଙ୍କ ପୁସ୍ତକ ରିଭଲ୍ୟୁସନାରିଜ: ଦି ଅଦର ଷ୍ଟୋରି ଅଫ୍ ହାଓ ଇଣ୍ଡିଆ ଓନ୍ ଇଟ୍ସ ଫ୍ରିଡମ୍, କୈଳାସ ସତ୍ୟାର୍ଥୀଙ୍କ ପୁସ୍ତକ ତୁମ୍ ପେହଲେ କ୍ୟୁଁ ନହିଁ ଆଏ, ହିନ୍ଦୋଲଙ୍କ ସିଙ୍ଗ୍, ଡ୍ୟାନ୍ସ ଆଣ୍ଡ୍ ପ୍ରେ: ଦି ଇନସ୍ପିରେସନାଲ୍ ଷ୍ଟୋରି ଆଣ୍ଡ ଶ୍ରୀଲ ପ୍ରଭୁପାଦ, ଇସ୍କନ ପ୍ରତିଷ୍ଠାତା-ଆଚାର୍ଯ୍ୟ, ରଣଜିତ ହସକୋଟେଙ୍କ ହଞ୍ଚପ୍ରୋଜ୍, ପ୍ରବୀଣ କୁମାରଙ୍କ ଅମର ଦେସବା, ମୁକୁଲଙ୍କ ରାଇଟର, ରିବେଲ, ସୋଲଜର, ଲଭର: ଦି ମେନି ଲାଇଭ୍ସ ଅଫ୍ ଆଗ୍ୟେୟା ସମେତ ଚଳିତ ବର୍ଷର କେଏଫ୍‌ଏଲ୍ ପୁସ୍ତକ ପୁରସ୍କାର ଲାଗି ଚୟନ ହୋଇଥିବା ପୁସ୍ତକଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏ ନେଇ ଗୁରୁବାର କଳିଙ୍ଗ ସାହିତ୍ୟ ଉତ୍ସବର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ କୁଡୁଆ ସମ୍ପତ୍ତିରେ ପୁଣି ପ୍ଲଟିଂ

ପୁରୁଣା ଭୁବନେଶ୍ୱର,୧୯।୧(ଡି.ଏନ୍.ଏ.):

ଶ୍ରୀଲିଙ୍ଗରାଜଙ୍କ କୁଡୁଆ ଜମି ସେବା ସତ୍ତ୍ୱ ଉପଯୋଗୀ। ଉକ୍ତ କୁଡୁଆ ସମ୍ପତ୍ତି ହସ୍ତାନ୍ତର କିମ୍ବା ବିକ୍ରି ଯୋଗ୍ୟ ନୁହେଁ। ଦେବୋତ୍ତର ଆଇନରେ ମଧ୍ୟ ଏହାର ପ୍ରତିବନ୍ଧକ ରହିଛି। ଏହିକ୍ରମରେ ଉକ୍ତ କୁଡୁଆ ଜମି ଭୁବନେଶ୍ୱର ତହସିଲ ମୌଜା ନୁଆଗାଁ ଖାତା ନଂ.୧୨ରେ ଥିବା ଏ ୧.୨୭୨ଡିସିମିଲ ଜମିକୁ ଚଞ୍ଚକତା ପୂର୍ବକ ହଡ଼ପ କରାଯାଇଛି। ଏହାକୁ ୨୦୧୮ ମସିହାରୁ ଏକାମ୍ର ଜନଜାଗରଣ ମଞ୍ଚ ବିରୋଧ କରିଆସୁଅଛି। ନିକଟରେ ଏଠାରେ ପ୍ଲଟିଂ କରାଯିବା ନେଇ ଜଣାପଡ଼ିବା ପରେ ମଞ୍ଚ ପକ୍ଷରୁ ତହସିଲଦାର, ଉପଜିଲାପାଳ ଏବଂ ଭିଜିଲାନ୍ସରେ ଅଭିଯୋଗ ପୂର୍ବକ ଘଟଣାର ଅନୁସନ୍ଧାନ ପାଇଁ ଦାବି କରାଯାଇଥିଲା। ଅନ୍ୟପଟେ ଏହି ସମ୍ପତ୍ତି ହଡ଼ପ ନେଇ ଏକ ମାମଲା ଉପଜିଲାପାଳଙ୍କ ଦପ୍ତରରେ ପଡ଼ିରହିଛି। ମାମଲା ବିଚାରାଧୀନ ଥିବାବେଳେ ଏଠାରେ ବିଲ୍ଡର କିଭଳି ପ୍ଲଟିଂ, ନିର୍ମାଣ କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ମଞ୍ଚ ପୁଣି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ତୁରନ୍ତ ଏଠାରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

ବାରଙ୍ଗ,୧୯।୧(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ପଞ୍ଚାୟତର ନରାଜ ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବା ନେଇ ନରାଜ ଗ୍ରାମର ତୁଷାରକାନ୍ତ ବେହେରା ସିଡିପିଓ ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ନରାଜ ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଅବଧି ସରିଯାଇଥିବା ଛତୁଆ ବଣ୍ଟନ କରାଯାଉଛି। ଗର୍ଭବତୀ ଓ ପ୍ରସୂତି ମା ଏବଂ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଖାଦ୍ୟ ଛତୁଆ, ଅଣ୍ଡା ଓ ବାଦାମ ଲଡୁ ଇତ୍ୟାଦି ପ୍ରଦାନର ନିର୍ଦ୍ଦେଶ ରହିଥିବାବେଳେ ବାସ୍ତବରେ ତାହା କେତେ ଭଲ ପୁଷ୍ଟିକର ଖାଦ୍ୟ ତାହା ଦେଖିଲେ





ଜାଣିପାରିବ। ଗତ ୧୫ତାରିଖରେ ନରାଜ ଗ୍ରାମର ତୁଷାରକାନ୍ତଙ୍କ ଘରକୁ ଅଙ୍ଗନୱାଡ଼ି କେନ୍ଦ୍ରର ଜଣେ ମହିଳା ଛତୁଆ ନେଇ ଦେଇଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତି ଛତୁଆ ପ୍ୟାକେଟରେ ମା' ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ- ହରିଶଙ୍କରପୁର ବ୍ଲକ ଆଠଗଡ଼, ଜିଲା କଟକ ଲେଖାଥିବାବେଳେ ପ୍ରସ୍ତୁତି ତାରିଖ ୨୪.୧୧.୨୦୨୨ ଲେଖାଯାଇଛି। ତା' ସହିତ ପ୍ରସ୍ତୁତି (ପ୍ୟାକିଂ) ହେବାର ମାସକ ମଧ୍ୟରେ ବ୍ୟବହାର କରାଯିବା ପାଇଁ ଉଲ୍ଲେଖ ରହିଛି। କିନ୍ତୁ ଏହି ଅବଧି ଶେଷ ହୋଇଯାଇଥିବା ଛତୁଆକୁ ବଣ୍ଟନ କରାଯାଉଛି। ଯାହାକୁ ନେଇ ତୁଷାରକାନ୍ତ ସିଡିପିଓଙ୍କୁ ପ୍ରଥମେ ଅଭିଯୋଗ କରିବାରୁ ସେ ଶୁଣି ନଥିଲେ,ପରେ ବିଡିଓଙ୍କ ପାଖକୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଙ୍ଗନୱାଡ଼ି ସୁପରଭାଇଜର ବବିତା ଦାସଙ୍କୁ ପଚାରିବାରୁ ସେ କହିଲେ ବିଳମ୍ବରେ ପ୍ୟାକିଂ ହୋଇଛି। ପ୍ରସ୍ତୁତି ତାରିଖ ଭୁଲରେ ଲେଖାଯାଇଛି।

# ଘର ଗେଟ୍ ଭାଙ୍ଗି ବାଇକ୍ ଚୋରି

ବାଲକାଟୀ,୧୯।୧(ଡି.ଏନ୍.ଏ.)

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରର ଗେଟ୍ ତାଲା ଭାଙ୍ଗି ଜଣେ ଦୁର୍ବୃତ୍ତ ଏକ ଦାମୀ ବାଇକ୍ ଚୋରି କରି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ ପ୍ରଶାନ୍ତ ମହାରଣାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳକୁ ଆସି ସିସିଟିଭି ଫୁଟେଜ ଓ ପରିପାର୍ଶ୍ୱିକ ସ୍ଥିତିକୁ ଭିତ୍ତି କରି ତଦନ୍ତ ଚଳାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯/୨୩) ରୁଜୁ କରିଛି।

# ଖେଳପଡ଼ିଆର ଉନ୍ନତୀକରଣ କରାଯିବ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲିଅନ୍ତା,୧୯।୧(ଡି.ଏନ୍.ଏ.)

ନହରକଣ୍ଟାସ୍ଥିତ ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ 'ମୁକ୍ତା' ଯୋଜନାରେ ଏହି ଖେଳପଡ଼ିଆର ଉନ୍ନତୀକରଣ କରାଯିବ। ଏହି ଅଞ୍ଚଳରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ତାଙ୍କ ସ୍ୱପ୍ନ ରହିଛି, ତାହାକୁ ସେ ପୂରଣ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଆଲୁମ୍‌ନି ସଭାପତି ପ୍ରଦୀପ୍ତ ଛୋଟରାୟ, ମହେନ୍ଦ୍ର ଜେନା, ସିଦ୍ଧେଶ୍ୱର ନାୟକ ଓ କାମଦେବ ପତି ଅତିଥି ରୂପେ ଯୋଗଦେଇଥିଲେ। ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣ ପଟ୍ଟନାୟକ ଓ ସ୍ୱର୍ଣ୍ଣଲତା ରାଉତ ସଭା ପରିଚାଳନା କରିଥିଲେ।

# ପ୍ରକଳ୍ପର ସମୀକ୍ଷା କରିବ ପିଏସି

## ଜଳ ସମ୍ପଦ ବିଭାଗ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ବିଧାନସଭାରେ ଗୁରୁବାର ବସିଥିବା ପିଏସି (ପବ୍ଲିକ ଆକାଉଣ୍ଟସ୍ କମିଟି) ବୈଠକରେ ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ନରସିଂହ ମିଶ୍ରଙ୍କ ସମେତ ୫ଜଣ ସଦସ୍ୟ ଉପସ୍ଥିତ ଥିବାବେଳେ ଜଳ ସମ୍ପଦ ବିଭାଗର ୬ଟି କାର୍ଯ୍ୟକ୍ରମ ବାବଦରେ ବୈଠକରେ ଆଲୋଚନା ହୋଇଥିଲା। ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ କମିଟି ଅନ୍ତୋଷ ବ୍ୟକ୍ତ କରିଛି। ବିଭାଗର କାର୍ଯ୍ୟକ୍ରମ ସନ୍ଦେହଜନକ ହୋଇଥିବାରୁ କମିଟି ଆସନ୍ତା ୧୦ ତାରିଖରେ କ୍ଷେତ୍ର ପରିଦର୍ଶନ କରିବ। ବୈଠକରେ ସଦସ୍ୟ ମାଝୀ କହିଛନ୍ତି, ରିପୋର୍ଟ ଅନୁସାରେ ବୈଠକରେ କଟକ ଜିଲା ବଡ଼ମ୍ବା-ନରସିଂହପୁର ଅଞ୍ଚଳରେ ହାଡୁଆ ଡ୍ୟାମ ପ୍ରକଳ୍ପ ନେଇ ଆଲୋଚନା ହୋଇଛି। ୨୦୦୧ର ଏହି ଡ୍ୟାମ ୨୦୦୬ରେ ପ୍ରଶାସନିକ ଅନୁମୋଦନ ପାଇଥିଲା। ହେଲେ ମଧ୍ୟ ୨୦୧୨ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ନ ଥିବାବେଳେ ପ୍ରକଳ୍ପରେ ୬୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସିଏଜି ଜାଣିବାକୁ ପାଇଛି। ତେବେ ସେହି ଜାଗାରେ ପ୍ରକଳ୍ପ କାର୍ଯ୍ୟ ଆଗକୁ ନ ବଢ଼ାଇ ସରକାର ଓଭର ଲ୍ୟାପିଂ କରି ୪ଟି ମେଗା ଉଠା ଜଳ ସମ୍ପଦ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନେଇଛି। ମହାନଦୀରୁ ଜଳ ନେଇ ସେହି ପ୍ରକଳ୍ପ କରିବାକୁ ନିଷ୍ପତ୍ତି ହୋଇଛି।



ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ଗୁରୁବାର ଜଳାଶୟ ନବୀକରଣ ପ୍ରକଳ୍ପ ଲୋକାର୍ପଣ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

# ଆନ୍ଦୋଳନ ବେଳେ ଚାଷୀ-ପୋଲିସ ଧସ୍ତାଧସ୍ତି

## ମଣ୍ଡିରେ କଟ୍‌ନିଛଟ୍‌ନିକୁ ଚାଷୀଙ୍କ ବିରୋଧ

■ ଜିଲାପାଳଙ୍କ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇଲେ

■ ୧୦ଜଣଙ୍କୁ ଉଠାଇନେଲା ପୋଲିସ

ଖୋର୍ଦ୍ଧା ଅଫିସ,୧୯।୧





ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ମହଲରେ କୁହୁଳୁଥିବା ଅସନ୍ତୋଷ ଗୁରୁବାର ଉଗ୍ରରୂପ ଧାରଣ କରିଛି। କଟ୍‌ନିଛଟ୍‌ନି, ଟୋକନ୍‌ରେ ପାତରଅନ୍ତର, ମିଲ୍ ମାଲିକଙ୍କ ମନମାନିକୁ ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ପ୍ରତିବାଦ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ କେନ୍ଦ୍ରକରି ପୋଲିସ ଏବଂ ଚାଷୀ ଧସ୍ତାଧସ୍ତି ହୋଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଧାନବସ୍ତା ଜବତ କରି ୧୦ଜଣ ଚାଷୀଙ୍କୁ ଉଠାଇ ନେଇଥିଲା। ଧାନର ମାନ ଏଫ୍‌ଏକ୍ୟୁ ସତ୍ତ୍ୱେ ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି କରଛନ୍ତି। ଏନେଇ ଜିଲା ପ୍ରଶାସନ, ଯୋଗାଣ ବିଭାଗରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ଯୁବ ସଂଯୋଜକ ମହମ୍ମଦ ଅଲୀ, ରାଜ୍ୟ ମହିଳା ସଂଯୋଜିକ ମଧୁମିତା ସାମଲ, ଜିଲା ସଂଯୋଜକ ସୁରେଶ ମାନସିଂ, କାହ୍ନୁ ଚରଣ ବେହେରା, ମଦନ ମୋହନ ସାହୁ, ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ପାଢ଼ୀ, ମନମୋହନ ଲେଙ୍କାଙ୍କ ନେତୃତ୍ୱରେ ଚାଷୀ ଧାନବସ୍ତା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ବେଳେ ନିକଟରେ ଆଦର୍ଶ ଥାନା ପୋଲିସ ସେମାନଙ୍କୁ ଅଟକାଇବାକୁ କେନ୍ଦ୍ରକରି ପୋଲିସ ଏବଂ ଚାଷୀ ମୁହାଁମୁହିଁ ହୋଇଥିଲେ। ସେଠାରୁ ଚାଷୀ ମୁଣ୍ଡରେ ଧାନବସ୍ତା ଧରି ଜିଲାପାଳଙ୍କ ମୁଖ୍ୟ ଫାଟକ ଆଗରେ ରଖି ଧାରଣା ଦେଇଥିଲେ। ଧାନକିଣାରେ ଅବ୍ୟବସ୍ଥା, ଚାଷୀଙ୍କୁ ଉପେକ୍ଷା ନେଇ ଜିଲାପାଳଙ୍କ ଉପରେ ବର୍ଷିଥିଲେ। ଜିଲା ପ୍ରଶାସନ, ଜିଲା ଯୋଗାଣ ବିଭାଗ, ମିଲ୍ ମାଲିକ ଏବଂ ପାକ୍ସ ସମ୍ପାଦକଙ୍କ ମଧୁଚନ୍ଦ୍ରିକାରେ ଧାନମଣ୍ଡି ଚାଲିଛି। ପ୍ରକୃତ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ୍ ପାଇ ନ ଥିବା ବେଳେ ଯାହାର ଜମି ପଡିଆ ପଡିଛି, ତାଙ୍କୁ ଟୋକନ୍ ମିଳିଛି। ଚାଷୀ ମଣ୍ଡିରେ ଧାନ ଧରି ଦିନରାତି ଜଗି ରହିଛି। ହେଲେ ନକଲି ଚାଷୀଙ୍କଠାରୁ ଧାନକିଣା ଚାଲିଛି। ଧାନର ମାନ ଏଫ୍‌ଏକ୍ୟୁ ରହିଥିବା ଯାଞ୍ଚ ବେଳେ ପ୍ରମାଣ ସତ୍ତ୍ୱେ ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି କରୁଛନ୍ତି। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହାକୁ ନୀରବ ସମର୍ଥନ ଦିଆଯାଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। କୌଣସି ପ୍ରଶାସନିକ କିମ୍ବା ବିଭାଗୀୟ ଅଧିକାରୀ ମଣ୍ଡି କିପରି ଚାଲିଛି ଦେଖିବାକୁ ଯାଉନାହାନ୍ତି। ଜିଲାରେ ଧାନମଣ୍ଡି ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାଭାବିକ ସ୍ଥିତିକୁ ଆସିନାହିଁ। ପ୍ରତି ମଣ୍ଡିରେ କଟ୍‌ନିଛଟ୍‌ନି ବାବଦକୁ ୧୦୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କଟାଯାଉଛି। ମିଲ୍ ମାଲିକମାନେ ସିଧାସଳଖ ଭାବେ ଦୈନିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏସବୁ ଜିଲାପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ ବୋଲି ଚାଷୀ କହିଛନ୍ତି।

## ଏମାନେ କ'ଣ କୁହନ୍ତି...

"ଚାଷୀ ଶୀତକାକରରେ ମଣ୍ଡିରେ ପଡିଛନ୍ତି। ଚାଷୀଙ୍କ ଦୁଃଖ ବୁଝିବାକୁ ଜିଲାପାଳଙ୍କ ନିକଟରେ ସମୟ ନାହିଁ। ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି ନ ହେଲେ ଧାନ ଉଠାଇବୁ ନାହିଁ ବୋଲି ଧମକ ଦେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ରାସ୍ତାରେ ଚଲାଇଦେବୁ ନାହିଁ। ଜିଲାପାଳଙ୍କ ବାସଭବନ ଆଗରେ ଚାଷୀ ଧାରଣାରେ ବସିବେ। ଜିଲା ପ୍ରଶାସନକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ।

**-ମହମ୍ମଦ ଅଲୀ, ନବନିର୍ମାଣ କୃଷକ ସଙ୍ଗଠନ ଯୁବ ରାଜ୍ୟ ସଂଯୋଜକ**

"ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବା ବେଳେ ଏଠାରେ କୃଷକ ହେଉଛନ୍ତି ବେଶି ଅବହେଳିତ। ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ମୌସୁମୀ ପ୍ରବେଶରେ ବିଳମ୍ବ ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମସ୍ତ ବାଧାବିଘ୍ନ ସହ୍ୟ କରି ଚାଷୀ ଧାନ ଅମଳ କରିଛି। ଚଳିତବର୍ଷ ଭଲ ଧାନ ଅମଳ ହୋଇଛି। ଗତବର୍ଷ ପରି ଏଥର ମଧ୍ୟ ସମାନ ସମସ୍ୟା ରହିଛି। ମଣ୍ଡି ମଧୁଚନ୍ଦ୍ରିକାରେ ଚାଲିଛି। ଏଠି ଚାଷୀ ଉପେକ୍ଷିତ। କିନ୍ତୁ ମିଲର୍ସ ଓ ଅସାଧୁ କର୍ମଚାରୀ, ପାକ୍ସ ସମ୍ପାଦକ ମାଲାମାଲ ହେଉଛନ୍ତି।

**-ସୁରେଶ ମାନସିଂ, ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ**

"ପ୍ରତିବର୍ଷ ମଣ୍ଡିରେ ଅବ୍ୟବସ୍ଥା ଏକ ଧାରବାହିକ ପ୍ରକ୍ରିୟାରେ ପରିଣତ ହୋଇଛି। ମିଲର୍ସଙ୍କ ସହ ହାତ ମିଳାଇ ହରିଲୁଟ ଚାଲିଛି। ଅଧିକାଂଶ ମଣ୍ଡିରେ ଧାନର ମାନ ଯାଞ୍ଚ ଲାଗି ଗ୍ରେଟିଂ ମେଶିନ ନାହିଁ। ଯିଏ ସମାଜକୁ ଅନ୍ନ ଯୋଗାଉଛନ୍ତି, ସେମାନେ ନିଜର ହକ୍ ପାଇଁ ଲଢ଼େଇ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହେବାକୁ ପଡୁଛି। ଏହା ଏକ ଲଜ୍ଜାକର ଘଟଣା।

**-ପ୍ରଶାନ୍ତ ଭଞ୍ଜ, ଚାଷୀ ନେତା**

## ଭୂମିହୀନ ପରିବାରକୁ ସହାୟତା

ନିରାକାରପୁର (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କୋଲସାହିସ୍ଥିତ କେନାଲ ବନ୍ଧ ପାର୍ଶ୍ୱରେ ରୁହନ୍ତି ଏକ ଭୂମିହୀନ ପରିବାର। ଶୀତ କାକରରେ ଦୟନୀୟ ଅବସ୍ଥା ପଡି ରହିଥିବା ଦେଖି ଉକ୍ତ ଗ୍ରାମର ରଞ୍ଜନ କୁମାର ଦାଶ, ମାନସ ରଞ୍ଜନ ସାହୁ ପ୍ରମୁଖ ଉକ୍ତ ପରିବାରକୁ ଜରିପାଲ ଦେବା ସହିତ କମ୍ବଳ ପ୍ରଦାନ କରିଛନ୍ତି। ଯୁବକମାନଙ୍କ ଏଭଳି କାମ ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଜବତ, ୨ ଗିରଫ

ଯାଁଳା,୧୯।୧(ଡି.ଏନ୍.ଏ.): ମୋବାଇଲ ଫୋନ ଝାମ୍ପିନେବା ଅଭିଯୋଗରେ ଗୁରୁବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତୀର ଅଞ୍ଚଳର ପ୍ରବୋଧ ପାହାଡସିଂ(୨୦) ଓ ନିରାକାରପୁର ଥାନା ରାମେଶ୍ୱର ଅଞ୍ଚଳର ନିରଞ୍ଜନ ପଣ୍ଡିତ (୨୩)। ଏମାନଙ୍କ ନିକଟରୁ ୩ଟି ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ଗତ ୧୮ ତାରିଖ ମଧ୍ୟାହ୍ନରେ ଜ୍ୟୋତି ପ୍ରକାଶ ଜେନା ନାମକ ଜଣେ ବ୍ୟକ୍ତି କୌଣସି କାମରେ କାମରେ ପିତାପଲ୍ଲୀ ଯାଉଥିଲେ। ପିତାପଲ୍ଲୀ ଓଭରବ୍ରିଜ ନିକଟରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଜ୍ୟୋତିଙ୍କ ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ଜ୍ୟୋତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ୨ ବଖରା ଜଳିଗଲା

ଗମ୍ଭାରୀମୁଣ୍ଡା,୧୯।୧(ଡି.ଏନ୍.ଏ.): ବାଣପୁର ଥାନା ତୁମୁରାପୁଟ ପଞ୍ଚାୟତ ଅଧୀନ ନାରଣଦେଇପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଗ୍ରାମର ବୃନ୍ଦାବନ ପାତ୍ରଙ୍କ ଘରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଫ୍ୟାନ, ଡ୍ରେସିଂ ଟେବୁଲ ସମେତ ବହୁ ଆସବାବପତ୍ର, ଚାଉଳ ପୋଡ଼ିଯାଇଛି। ଖବରପାଇ ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

ଜଟଣୀ,୧୯।୧(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ସିଦ୍ଧ ମହାବୀର ଦେବଙ୍କ ୧୫ତମ ବାର୍ଷିକ ଜନ୍ମ ଉତ୍ସବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରଙ୍ଗିଆ ନଈ ଘାଟରେ ପୂଜାର୍ଚ୍ଚନା ପରେ ବ୍ରତଧାରୀ କଳସ ଶୋଭାଯାତ୍ରାରେ ବାହାରିଥିଲେ। ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ୫୦ରୁ ଊର୍ଦ୍ଧ୍ୱ ବ୍ରତଧାରୀ ସାମିଲ ହୋଇଥିଲେ। ପ୍ରକାଶ ଯେ, ବୁଧବାରଠାରୁ ଆରମ୍ଭ ଏହି ଯଜ୍ଞ ଉତ୍ସବ ଆସନ୍ତା ୨୧ ତାରିଖରେ ଶେଷ ହେବ। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା, ଗୀତା ପାଠ, ସନ୍ଧ୍ୟା ଆଳତି, ଭଜନ ସମାରୋହ, ନାମ ସଂକୀର୍ତ୍ତନ ଏବଂ ଶନିବାର ରୁଦ୍ରାଭିଷେକ, ଚଣ୍ଡିପାଠ କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମନ୍ଦିର ପୂଜକ ଜ୍ଞାନ ରଞ୍ଜନ ଦାଶ ଓ ବାଳକୃଷ୍ଣ ମିଶ୍ର ବିଶ୍ୱଶାନ୍ତି ମହାଯଜ୍ଞର ଦାୟିତ୍ୱ ତୁଲାଉଛନ୍ତି।

### ବ୍ରାଉନସୁଗାର ଜବତ: ଜଣେ ଗିରଫ

ପୁରୀ ଅଫିସ,୧୯।୧- ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ମାତୃଶକ୍ତି ସହାୟତାରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲାର ସୁନୀଲ ରାଉତ (୨୪)। ତାଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୧୦୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏ ନେଇ ଥାନାରେ କେସ ନଂ. ୧୭/୨୩ ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ବୁଧବାର ନରେନ୍ଦ୍ରକୋଣ ମଙ୍ଗଳାବସ୍ତିର ମାତୃଶକ୍ତିର ଜଣେ ସଦସ୍ୟା ପୋଲିସକୁ ଖବର ଦେଇଥିଲେ କି ଜଣେ ବ୍ୟକ୍ତି ବ୍ରାଉନସୁଗାର ନେଇ ବିକ୍ରି କରିବା ପାଇଁ ଏକ ବାଇକ୍ ଯୋଗେ ମଙ୍ଗଳାବସ୍ତି ଆସୁଛନ୍ତି। ପୋଲିସ ମଙ୍ଗଳାବସ୍ତି ନିକଟସ୍ଥ ଥିବା ବାନାମ୍ବର ମନ୍ଦିର ପାଖରେ ଚେକିଂ କରିଥିଲା। ତେବେ ପୋଲିସକୁ ଦେଖି ଅଭିଯୁକ୍ତ ଗାଡି ଛାଡି ଖସିଯିବାକୁ ଚେଷ୍ଟା କରିଥିଲା। ମାତ୍ର ପୋଲିସ ତାଙ୍କୁ ଧରିବା କରିବା ସହ ୧୦୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲ।

# ଆନ୍ଦୋଳନ ବେଳେ ପୋଲିସ-ଚାଷୀ ଧସ୍ତାଧସ୍ତି



ଖୋର୍ଦ୍ଧା ଅଫିସ,୧୯।୧

**ମଣ୍ଡିରେ କଟ୍‌ନିଛଟ୍‌ନିକୁ ଚାଷୀଙ୍କ ବିରୋଧ**

- ଜିଲାପାଳଙ୍କ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇଲେ
- ୧୦ଜଣଙ୍କୁ ଉଠାଇନେଲା ପୋଲିସ

ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ମହଲରେ କୁହୁଳୁଥିବା ଅସନ୍ତୋଷ ଗୁରୁବାର ଉଗ୍ରରୂପ ଧାରଣ କରିଛି। କଟ୍‌ନିଛଟ୍‌ନି, ଟୋକନ୍‌ରେ ପାତରଅନ୍ତର, ମିଲ୍ ମାଲିକଙ୍କ ମନମାନିକୁ ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ପ୍ରତିବାଦ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ କେନ୍ଦ୍ରକରି ପୋଲିସ ଏବଂ ଚାଷୀ ଧସ୍ତାଧସ୍ତି ହୋଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଧାନବସ୍ତା ଜବତ କରି ୧୦ଜଣ ଚାଷୀଙ୍କୁ ଉଠାଇ ନେଇଥିଲା। ଧାନର ମାନ ଏଫ୍‌ଏକ୍ୟୁ ସତ୍ତ୍ୱେ ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି କରଛନ୍ତି। ଏନେଇ ଜିଲା ପ୍ରଶାସନ, ଯୋଗାଣ ବିଭାଗରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ଯୁବ ସଂଯୋଜକ ମହମ୍ମଦ ଅଲୀ, ରାଜ୍ୟ ମହିଳା ସଂଯୋଜିକ ମଧୁମିତା ସାମଲ, ଜିଲା ସଂଯୋଜକ ସୁରେଶ ମାନସିଂ, କାହ୍ନୁ ଚରଣ ବେହେରା, ମଦନ ମୋହନ ସାହୁ, ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ପାଢୀ, ମନମୋହନ ଲେଙ୍କାଙ୍କ ନେତୃତ୍ୱରେ ଚାଷୀ ଧାନବସ୍ତା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ବେଳେ ନିକଟରେ ଆଦର୍ଶ ଥାନା ପୋଲିସ ସେମାନଙ୍କୁ ଅଟକାଇବାକୁ କେନ୍ଦ୍ରକରି ପୋଲିସ ଏବଂ ଚାଷୀ ମୁହାଁମୁହିଁ ହୋଇଥିଲେ। ସେଠାରୁ ଚାଷୀ ମୁଣ୍ଡରେ ଧାନବସ୍ତା ଧରି ଜିଲାପାଳଙ୍କ ମୁଖ୍ୟ ଫାଟକ ଆଗରେ ରଖି ଧାରଣା ଦେଇଥିଲେ। ଧାନକିଣାରେ ଅବ୍ୟବସ୍ଥା, ଚାଷୀଙ୍କୁ ଉପେକ୍ଷା ନେଇ ଜିଲାପାଳଙ୍କ ଉପରେ ବର୍ଷିଥିଲେ। ଜିଲା ପ୍ରଶାସନ, ଜିଲା ଯୋଗାଣ ବିଭାଗ, ମିଲ୍ ମାଲିକ ଏବଂ ପାକ୍ସ ସମ୍ପାଦକଙ୍କ ମଧୁଚନ୍ଦ୍ରିକାରେ ଧାନମଣ୍ଡି ଚାଲିଛି। ପ୍ରକୃତ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ୍ ପାଇ ନ ଥିବା ବେଳେ ଯାହାର ଜମି ପଡିଆ ପଡିଛି, ତାଙ୍କୁ ଟୋକନ୍ ମିଳିଛି। ଚାଷୀ ମଣ୍ଡିରେ ଧାନ ଧରି ଦିନରାତି ଜଗି ରହିଛି। ହେଲେ ନକଲି ଚାଷୀଙ୍କଠାରୁ ଧାନକିଣା ଚାଲିଛି। ଧାନର ମାନ ଏଫଏକ୍ୟୁ ରହିଥିବା ଯାଞ୍ଚ ବେଳେ ପ୍ରମାଣ ସତ୍ତ୍ୱେ ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି କରୁଛନ୍ତି। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହାକୁ ନୀରବ ସମର୍ଥନ ଦିଆଯାଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି।। କୌଣସି ପ୍ରଶାସନିକ କିମ୍ବା ବିଭାଗୀୟ ଅଧିକାରୀ ମଣ୍ଡି କିପରି ଚାଲିଛି ଦେଖିବାକୁ ଯାଉନାହାନ୍ତି। ଜିଲାରେ ଧାନମଣ୍ଡି ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାଭାବିକ ସ୍ଥିତିକୁ ଆସିନାହିଁ। ପ୍ରତି ମଣ୍ଡିରେ କଟ୍‌ନିଛଟ୍‌ନି ବାବଦକୁ ୧୦୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କଟାଯାଉଛି। ମିଲ୍ ମାଲିକମାନେ ସିଧାସଳଖ ଭାବେ ଦୈନିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏସବୁ ଜିଲାପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ ବୋଲି ଚାଷୀ କହିଛନ୍ତି।

**ଏମାନେ କ'ଣ କୁହନ୍ତି...**

"ଚାଷୀ ଶୀତକାକରରେ ମଣ୍ଡିରେ ପଡିଛନ୍ତି। ଚାଷୀଙ୍କ ଦୁଃଖ ବୁଝିବାକୁ ଜିଲାପାଳଙ୍କ ନିକଟରେ ସମୟ ନାହିଁ। ମିଲ୍ ମାଲିକମାନେ କଟ୍‌ନିଛଟ୍‌ନି ନ ହେଲେ ଧାନ ଉଠାଇବୁ ନାହିଁ ବୋଲି ଧମକ ଦେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ରାସ୍ତାରେ ଚଲାଇଦେବୁ ନାହିଁ। ଜିଲାପାଳଙ୍କ ବାସଭବନ ଆଗରେ ଚାଷୀ ଧାରଣାରେ ବସିବେ। ଜିଲା ପ୍ରଶାସନକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ।

**ମହମ୍ମଦ ଅଲୀ, ନବନିର୍ମାଣ କୃଷକ ସଙ୍ଗଠନ ଯୁବ ରାଜ୍ୟ ସଂଯୋଜକ**

"ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବା ବେଳେ ଏଠାରେ କୃଷକ ହେଉଛନ୍ତି ବେଶି ଅବହେଳିତ। ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ମୌସୁମୀ ପ୍ରବେଶରେ ବିଳମ୍ବ ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମସ୍ତ ବାଧାବିଘ୍ନ ସହ୍ୟ କରି ଚାଷୀ ଧାନ ଅମଳ କରିଛି। ଚଳିତବର୍ଷ ଭଲ ଧାନ ଅମଳ ହୋଇଛି। ଗତବର୍ଷ ପରି ଏଥର ମଧ ସମାନ ସମସ୍ୟା ରହିଛି। ମଣ୍ଡି ମଧୁଚନ୍ଦ୍ରିକାରେ ଚାଲିଛି। ଏଠି ଚାଷୀ ଉପେକ୍ଷିତ। କିନ୍ତୁ ମିଲର୍ସ ଓ ଅସାଧୁ କର୍ମଚାରୀ, ପାକ୍ସ ସମ୍ପାଦକ ମାଲାମାଲ ହେଉଛନ୍ତି।

**ସୁରେଶ ମାନସିଂ, ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ**

"ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହାଁ। ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ କୁମ୍ଭୀର କାନ୍ଦଣା କରୁଛନ୍ତି। ଧାନକ୍ରୟ ବୈଠକରେ ଯାହା ନିଷ୍ପତ୍ତି ନିଆଯାଉଛି, ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଏଫ୍‌ଏକ୍ୟୁ ପରୀକ୍ଷଣ ଲାଗି ଗ୍ରେଟିଂ ଲାଗି ଯେଉଁ ଅଫିସରମାନେ ବସିଛନ୍ତି, ଏମିତି ମେଶିନ ଆଣିଛନ୍ତି, ଏକାଥରକେ ସବୁ ଚାଷୀ ଫେଲ। ଚାଷୀ ଏଭଳି ସ୍ଥିତି ଦେଇ ଗତି କରୁଛି, ଧାନ ବିକ୍ରି ନ ହେଲେ ପଚିବ, ଫୋଫାଡିବ, ନ ହେଲେ ଅଭାବୀ ବିକ୍ରିର ସମ୍ମୁଖୀନ ହେବ।

**ମଧୁମିତା ସାମଲ, ନବନିର୍ମାଣ ରାଜ୍ୟ ମହିଳା ସଂଯୋଜିକା**

"ପ୍ରତିବର୍ଷ ମଣ୍ଡିରେ ଅବ୍ୟବସ୍ଥା ଏକ ଧାରବାହିକ ପ୍ରକ୍ରିୟାରେ ପରିଣତ ହୋଇଛି। ମିଲର୍ସଙ୍କ ସହ ହାତ ମିଳାଇ ହରିଲୁଟ ଚାଲିଛି। ଅଧିକାଂଶ ମଣ୍ଡିରେ ଧାନର ମାନ ଯାଞ୍ଚ ଲାଗି ଗ୍ରେଟିଂ ମେଶିନ ନାହିଁ। ଯିଏ ସମାଜକୁ ଅନ୍ନ ଯୋଗାଉଛନ୍ତି, ସେମାନେ ନିଜର ହକ୍ ପାଇଁ ଲଢେଇ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହେବାକୁ ପଡୁଛି। ଏହା ଏକ ଲଜ୍ଜାକର ଘଟଣା।

**ପ୍ରଶାନ୍ତ ଭଞ୍ଜ, ଚାଷୀ ନେତା**

## ଡାକ୍ତରଙ୍କୁ ଆକ୍ରମଣ, ଅପହରଣ ଉଦ୍ୟମ

ଜଟଣୀ,୧୯।୧(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ କୁଦିଆରୀ ରେଲୱେ ଅଣ୍ଡରପାସ୍ ଠାରେ ଗୁରୁବାର ଜଣେ ଡାକ୍ତରଙ୍କୁ ଆକ୍ରମଣ ସହ ଅପହରଣ ଉଦ୍ୟମ କରାଯାଇଥିବା ଜଣାପଡ଼ିଛି। ଆହତ ଡା.ସାବରମଲ ଅଗ୍ରୱାଲ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସବୁଦିନ ପରି ଡା.ସାବରମଲ ଗୁରୁବାର ସନ୍ଧ୍ୟାରେ କ୍ଲିନକରୁ ବାଇକରେ ଘରକୁ ଫେରୁଥିଲେ। କୁଦିଆରୀ ରେଲୱେ ଅଣ୍ଡରପାସ୍ ଠାରେ ତାଙ୍କୁ ତିନିଜଣ ଦୁର୍ବୃତ୍ତ ଅଟକାଇ ତଲାସି କରିବା ସହ ଆକ୍ରମଣ କରିଥିଲେ। ଡାକ୍ତର ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଜବରଦସ୍ତ ଗାଡ଼ିରେ ବସାଇ ଅପହରଣ ପାଇଁ ଉଦ୍ୟମ କରିଥିଲେ। ତେବେ ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ଉଦ୍ଧାର କରିବା ସହ ଥାନାକୁ ଜଣାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ଦୋକାନ ଆଗରୁ ବାଇକ୍ ଚୋରି

ଯାଁଳା,୧୯।୧(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅଧୀନ ବଡ଼ରଘୁନାଥପୁର ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛକ ବଜାରରେ ଥିବା ଏକ ଦୋକାନ ଆଗରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁଇଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧିବା ସହ ଖଣ୍ଡା ଧରି ବୁଧବାର ରାତି ପ୍ରାୟ ୩ଟା ୩୦ରେ ବାଇକ୍ ଚୋରି କରିଥିବା ସିସି କ୍ୟାମେରାରେ କଏଦ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।



ଖୋର୍ଦ୍ଧା: ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ନେତୃତ୍ୱରେ ମୁକୁନ୍ଦପ୍ରସାଦ ପୋଡ଼ାସାହି ବାସିନ୍ଦା ପରିବାର ଲୋକେ ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଉଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ପତ୍ତା ପାଉନି ପୋଲିସ

ଖୋର୍ଦ୍ଧା ଅଫିସ,୧୯।୧

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର**

ଖୋର୍ଦ୍ଧା ଆଦର୍ଶ ଥାନା ମୁକୁନ୍ଦପ୍ରସାଦ ପୋଡ଼ାସାହିର ରବି ନାରାୟଣ ବାରିକ(୫୬) ଗତ ଏକ ମାସ ଧରି ନିଖୋଜ ଅଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ନୀରବ ବସିଛି। ଏହାର ପ୍ରତିବାଦରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ୨ନମ୍ବର ୱାର୍ଡ କାଉନସିଲର ଶୁଭଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଗୁରୁବାର ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିକଟରେ ଅଭିଯୋଗ କରିଥିଲେ। ପୌରାଧକ୍ଷା ମହାନ୍ତିଙ୍କ ସମେତ ଏକ ଟିମ୍ ଏସ୍‌ପିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ତାଙ୍କର ସନ୍ଧାନ ମିଳିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ପୌରାଧକ୍ଷା ମହାନ୍ତି କହିଛନ୍ତି।

ରବିନାରାୟଣଙ୍କ ପୁଅ ବଳରାମଙ୍କ ଅଭିଯୋଗ ମୁତାବକ, ଡିସେମ୍ବର ୨୨ରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ରବିନାରାୟଣ ବଳଙ୍ଗା କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଜଟଣୀ ବାଇପାସ୍ ଛକରେ ଓହ୍ଲାଇଥିଲେ। ସେଠାରୁ ଆଉ ଘରକୁ ଫେରି ନ ଥିଲେ। ରାତି ବିଳମ୍ବ ହେବାରୁ ଡ୍ରାଇଭରଙ୍କୁ ପଚାରିବାରେ ସେ ବାଇପାସ୍‌ଠାରେ ଓହ୍ଲାଇଥିବା ଏବଂ ତା'ପରଦିନ ଗାଡିରେ ବାପା ମୋବାଇଲ ଛାଡି ଯାଇଥିବା ନେଇ ଫେରାଇଥିଲେ। ଏନେଇ ଶିଳ୍ପାଞ୍ଚଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛି।

## ସରିଲା ବାଦୀ ଭାଗବତ ପ୍ରତିଯୋଗିତା: ପାଇକସାହି ଚାମ୍ପିୟନ

ବୋଲଗଡ଼,୧୯।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଡିହଖଉରୁଣି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମହିଷମର୍ଦ୍ଦିନୀ ପୀଠରେ ତିନିଦିନ ଧରି ଚାଲିଥିବା ବାଦୀ ଭାଗବତ ଟୁର୍ଣ୍ଣାମେଣ୍ଟ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ୪ଟି ଗ୍ରାମର ଭାଗବତ ମଣ୍ଡଳୀ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ପ୍ରତିଯୋଗିତା ବେଣାଗାଡିଆ ଓ ପାଇକସାହି ଭାଗବତ ମଣ୍ଡଳୀ ମଧ୍ୟରେ ହୋଇଥିଲା। ବେଣାଗାଡିଆ ଟିମ୍‌କୁ ୭ ପଏଣ୍ଟରେ ହରାଇ ପାଇକସାହି ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ବଂଶୀଧର ସାହୁ ଯୋଗଦେଇ ଚାମ୍ପିୟନ ଓ ରନରଅପ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ବିଚାରକଭାବେ ଫକୀର ପ୍ରଧାନ, ବିରଞ୍ଚି ପଣ୍ଡା, ମାଧବ ଚନ୍ଦ୍ର ପଣ୍ଡା, ସୁମନ୍ତ ପ୍ରଧାନ ଯୋଗଦେଇଥିଲେ। ବ୍ରଜବନ୍ଧୁ ପରିଡା, ବଳଭଦ୍ର ମାର୍ଥା, ନୀଳମଣି ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର

ବାଲୁଗାଁ,୧୯।୧(ଡି.ଏନ୍.ଏ.)

ଚିଲିକା ବ୍ଲକ ବଡ଼କୂଳ ଅନ୍ତର୍ଗତ ବୋରିଆସାହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଠାରେ ଗୁରୁବାର ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବାତ୍ୟା ଆଶ୍ରୟସ୍ଥଳୀର ୨୫ଜଣ କମିଟି ମେମ୍ବର, ୨୫ଜଣ ଉଦ୍ଧାର ଓ ଅନୁସନ୍ଧାନକାରୀ ଦଳଙ୍କ ସହିତ ପ୍ରାଥମିକ ଚିକିତ୍ସା ଦଳର ୨୫ଜଣ ବ୍ୟକ୍ତିଙ୍କ ସହିତ ମୋଟ୍ ୭୫ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲା ପରିଷଦ ପ୍ରତିନିଧି ପ୍ରଭାସ କୁମାର ସୁନ୍ଦରାୟ, ବଡ଼କୂଳ ସରପଞ୍ଚ ପ୍ରହ୍ଲାଦ ବେହେରା, ଢୁଙ୍ଗମାଳ ସରପଞ୍ଚ ଗଣେଶ୍ୱର ସ୍ୱାଇଁ, ସମିତି ସଭ୍ୟା ରୀନା ରଥ, ନାଏବ ସରପଞ୍ଚ ବାସନ୍ତୀ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସ୍ୱାଇଁ, ନୋଡାଲ ଏନ୍‌ଜିଓ ଶାମୁକା ପରିବାରର ସଭାପତି ବିଶ୍ୱଜିତ୍ ଦାଶ ଏବଂ ଓସ୍‌ଡମାର ପ୍ରଶିକ୍ଷକ ନୃସିଂହ ମହାପାତ୍ର, ରତିକାନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରକୁ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଅଜୟ କୁମାର ପଲାଇ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ଦୁର୍ଗା ଚରଣ ରଥ ଧନ୍ୟବାଦ ଦେଇଥିଲେ।

## ସହାୟତା ଅପେକ୍ଷାରେ ପବିତ୍ରଙ୍କ ପରିବାର

ନିରାକାରପୁର,୧୯।୧(ଡି.ଏନ୍.ଏ.)

**ଚିକିତ୍ସା ପାଇଁ ଅର୍ଥ ବାଧକ**



ଦିନ ଥିଲା ରାଜନେତାଙ୍କଠାରୁ ଆରମ୍ଭ କରି ବଣିକ ସଂଘ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ ଥିଲେ ନିରାକାରପୁର ପଞ୍ଚାୟତର ପବିତ୍ର ମୋହନ ସାହୁ ଓରଫ ପବି। ତେବେ ସେ ମୁଖ କର୍କଟ ରୋଗରେ ପୀଡ଼ିତ ହେବା ପରେ ଯେପରି ସମସ୍ତଙ୍କ ପାଇଁ ଅଲୋଡ଼ା ପାଲଟି ଯାଇଛନ୍ତି। ଅନ୍ୟପଟେ ଅର୍ଥ ଅଭାବରୁ ତାଙ୍କର ଠିକ୍‌ରେ ଚିକିତ୍ସା ହୋଇପାରୁ ନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପୀଡିତଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।ସୂଚନା ମୁତାବକ, ନିରାକାରପୁର ତଳବଜାରରେ ପବିତ୍ର ଘର ଆଗରେ ଦୋକାନ କରି ପରିବାର ଚଳାଉଥିଲେ। ଏଥିସହ ସେ ଭାଜପାର ଜଣେ ସକ୍ରିୟ କର୍ମୀଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ଅନେକ ବର୍ଷ ଧରି ସ୍ଥାନୀୟ ବଜାରର ବଣିକ ସଂଘ ଓ ଅନ୍ୟ କେତେକ ସଂସ୍ଥାରେ ସଭ୍ୟ ରହିଛନ୍ତି। ତେବେ ୬ ମାସ ପୂର୍ବେ ତାଙ୍କର ଡାହଣ ଗାଲ ବିନ୍ଧିବାରୁ ଚିକିତ୍ସା ହେଉଥିଲେ। ପରବର୍ତ୍ତୀ ସମୟରେ ପରୀକ୍ଷା କରିବା ପରେ ସେ କର୍କଟ ରୋଗରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁଘରେ ଚିକିତ୍ସିତ ହେଉଛନ୍ତି।

## ଟ୍ରେନ୍ ଅଟକି ହର୍ନ ମାରିବା ପରେ ପଡ଼ିଲା ଫାଟକ

ନିରାକାରପୁର,୧୯।୧(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଲେଭଲ କ୍ରସିଂ ନିକଟରେ ଗୁରୁବାର ଏକ ଟ୍ରେନ୍ ପହଞ୍ଚି ହର୍ନ ମାରିବା ପରେ ଫାଟକ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମେମୋ ପାସେଞ୍ଜର ଟ୍ରେନ୍ ପୂର୍ବାହ୍ନ ୧୧ଟା ୩୫ରେ ନିରାକାରପୁର ଲେଭଲ କ୍ରସିଂ ପାଖରେ ପହଞ୍ଚିଥିଲେ ମଧ୍ୟ ଉକ୍ତ ଫାଟକଟି ପଡି ନ ଥିଲା। ଫଳରେ ଟ୍ରେନ୍‌ଟି ଗେଟ୍ ବାହାରେ କିଛି ସମୟ ରହି ହର୍ନ ବଜାଇବା ପରେ ଉକ୍ତ ଫାଟକ ଜଗୁଆଳି ଆସି ଗେଟ୍ ପକାଇବା ପରେ ଟେନରେ ପାସ୍ କରିଥିଲା।

# ଗୋରୁଙ୍କଠାରେ ବ୍ୟାପୁଛି ଚର୍ମବିନ୍ଧି ରୋଗ

ଯାଁଳା,୧୯।୧(ଡି.ଏନ୍.ଏ.)

- ନେଲାଣି ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ଜୀବନ
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତରେ ଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପିବାରେ ଲାଗିଛି। ଏହାର ପ୍ରତିକାର ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ଏକ ମାସ ହେବ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ, ଓଗାଳପଡ଼ା, ରାଧାଚରଣପୁର ଆଦି ଗ୍ରାମରେ ଗୋରୁ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ଭଳି ହେବା ପରେ ଘା'ରେ ପରିଣତ ହୋଇ ପୂରା ଶରୀରକୁ ବ୍ୟାପୁଛି। ଘା'ଟି ବଡ ଆକାର ଧାରଣ କରି ଏକ ଗର୍ତ୍ତ ସୃଷ୍ଟି କରୁଛି। ପ୍ରାୟ ମାସକରେ ଗୋରୁଟି ମୃତ୍ୟୁ ମୁଖରେ ପଡୁଛି। ବିଶେଷକରି ବାଛୁରୀମାନେ ସଂକ୍ରମିତ ହେଉଛନ୍ତି। ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ବାହାରୁ ଆଣ୍ଟିବାୟୋଟିକ କିଣି ଗୋରୁଙ୍କୁ ଦେଉଛନ୍ତି ବୋଲି କେତେଜଣ ବାସିନ୍ଦା କହିଛନ୍ତି। ଦୁଇରୁ ତିନି ସପ୍ତାହ ମଧ୍ୟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଏନେଇ ଯାଁଳା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡା. ରୋଜାଲିନ ଖଟୁଆ କୁହନ୍ତି, କର୍ମଚାରୀଙ୍କ ଅଭାବ ଯୋଗୁ ଗୋ' ସେବାରେ ବ୍ୟତିକ୍ରମ ଦେଖାଦେଇଛି। ଖୁବ୍‌ଶୀଘ୍ର ଉକ୍ତ ଗ୍ରାମଗୁଡ଼ିକରେ ଗୋରୁଙ୍କୁ ଟିକା ଦିଆଯିବ ବୋଲି ସେ କହିଛନ୍ତି।

# ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ବରଗଡ଼ ୟୁନାଇଟେଡ୍

ବୋଲଗଡ଼,୧୯।୧(ଡି.ଏନ୍.ଏ.)



ବୋଲଗଡ଼ ବ୍ଲକ ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡିଆରେ ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କମିଟି ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ୟୁନାଇଟେଡ ଓ ଭଞ୍ଜନଗର ଏମ୍‌ଡିଏଫ୍‌ସି ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବରଗଡ଼ ୟୁନାଇଟେଡ୍ ୩-୦ ଗୋଲରେ ଏମ୍‌ଡିଏଫ୍‌ସି ଦଳକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପ୍ରଥମାର୍ଦ୍ଧର ୪୨ ମିନିଟରେ ଅନ୍ତର୍ଯ୍ୟାମୀ ନାୟକ ଓ ଏବଂ ଦ୍ୱିତୀୟାର୍ଦ୍ଧର ୧୦ ଓ ୧୨ ମିନିଟରେ ଭକ୍ତ ପରିଡା ୨ଟି ଗୋଲ ଦେଇଥିଲେ। ଏମ.ଏସ୍ .ବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ରବିନାରାୟଣ ରଣା ଓ ସୁଶାନ୍ତ କୁମାର ମିଶ୍ର ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଶିବ ଦେହୁରୀ କାର୍ଯ୍ୟ ତୁଲାଇଥିଲେ। ଅତିଥିଭାବେ ଭରତ ଚନ୍ଦ୍ର ନାୟକ,ବରକତ ଅଲ୍ଲୀ, ଭାଗୀରଥି ସାହୁ, ପବିତ୍ରମୋହନ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି, ନୁଆପଲ୍ଲୀ ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଆଜି କ'ଣ କେଉଁଠି

ପୁରୀ
- କୋଣାର୍କ ଚନ୍ଦ୍ରଭାଗା ମେଳା ସମ୍ପର୍କରେ ବୈଠକ, ସର୍କିଟ ହାଉସ, ଅପରାହ୍ନ ୪ଟା ୪୫।
- ଅନନ୍ତ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ କବିତା ପାଠ ଓ ଆଲୋଚନା ଚକ୍ର, ଭକ୍ତ ସାଲବେଗ ସମାଧି ପୀଠ, ଅପରାହ୍ନ ୫ଟା।
- . କୁସ୍ତି, ସାହିଯାତ ଓ ସମରକଳା ପ୍ରଦର୍ଶନ, ଓଲି ଲ୍ୟାଣ୍ଡ, ବେଳାଭୂମି ପରିସର, ସନ୍ଧ୍ୟା ୬ଟା।
- ଗ୍ଲୋରିଫେଷ୍ଟର ଉଦ୍‌ଘାଟନୀ ଉତ୍ସବ, ପୌର ସଦନ, ସନ୍ଧ୍ୟା ୭ଟା।

ନିମାପଡ଼ା
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ ଓ ମଶାଲ ଶୋଭାଯାତ୍ରା, ବାରବାଟୀ ଗ୍ରାଉଣ୍ଡ, ସକାଳ ୯ଟା।
- ଲିଟିଲ ଷ୍ଟାର ଗ୍ରୁପ୍ ପକ୍ଷରୁ ୨୦ତମ ଶିଶୁ ଓ ଯୁବ ମହୋତ୍ସବ, ପାଟପୁର, ମା' ଭଗବତୀଙ୍କ ପୀଠ, ପୂର୍ବାହ୍ନ ୧୦ଟା।

# ଧ୍ୱମେଇଛି ସ୍ୱର: କୋହିନୁର ଆଶା ମଉଳୁଛି

ପୁରୀ ଅଫିସ, ୧୯।୧

ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ ଥିବା ବହୁଚର୍ଚ୍ଚିତ କୋହିନୁର ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏବଂ ଏହାକୁ ତୁରନ୍ତ ନିଜ ଦେଶକୁ ଫେରାଇ ଆଣିବାକୁ କିଛିମାସ ତଳେ ଦାବି ଉଠିଥିଲା। ଏପରିକି ଏ ନେଇ ରାଷ୍ଟ୍ରପତିଙ୍କୁ ଚିଠି ଲେଖିବା ସହ ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଶ୍ରୀଜଗନ୍ନାଥ ସେନା କହିଥିଲା। ତେବେ ସେହି ଦାବି ଏବେ ଧ୍ୱମେଇ ଯାଇଛି। ଫଳରେ କୋହିନୁର ହୀରା ଭାରତ ଓ ଶ୍ରୀକ୍ଷେତ୍ର ଫେରିବା ନେଇ ଆଶା ଧୀରେ ଧୀରେ ମଉଳି ଯିବାକୁ ବସିଛି। ପୁଣି ଏ ନେଇ ଜୋରଦାର ଆନ୍ଦୋଳନ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୧୮୩୬ ମସିହାରେ ପଞ୍ଜାବର ତତ୍କାଳୀନ ମହାରାଜା ରଣଜିତ୍ ସିଂ ପୁରୀ ଆସିଥିଲେ। ସେହି ସମୟରେ ୫୦ ଲକ୍ଷ ବ୍ରିଟିଶ ମୁଦ୍ରା ସହ କୋହିନୁର ହୀରା ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାନ କରିବେ ବୋଲି ସଂକଳ୍ପ କରିଥିଲେ। ଏ ନେଇ ସଂକଳ୍ପ ପତ୍ର ଲେଖିଥିଲେ। ମହାରାଜା ରଣଜିତ ସିଂଙ୍କ ଏହି ସ୍ୱଲିଖିତ ସଂକଳ୍ପ ପତ୍ର ଏବେ ବି ପୁରୀର କୌଳିକ ପଣ୍ଡା କେ.ଏଚ୍. ପ୍ରତିହାରୀଙ୍କ ପାଖରେ ଥିବା ଶୁଣିବାକୁ ମିଳେ। ତେବେ ସମୟ କ୍ରମେ ବ୍ରିଟିଶ ଶାସକ ଶିଖ୍ ସାମ୍ରାଜ୍ୟକୁ ଆକ୍ରମଣ କରି ରଣଜିତ ସିଂଙ୍କ ନାବାଳକ ଉତ୍ତରାଧିକାରୀଙ୍କଠାରୁ ସେହି କୋହିନୁର ହୀରାକୁ ଇଂଲଣ୍ଡ ନେଇଯାଇଥିବା ଚର୍ଚ୍ଚା ହୁଏ। ତେବେ କୋହିନୁର ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଓ ତାହାକୁ ଫେରାଇ ଆଣିବାକୁ କିଛିମାସ ତଳେ ବିଭିନ୍ନ ମହଲରେ ଦାବି ଉଠିଥିଲା। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ଦାବି ଉଠାଇ ରାଷ୍ଟ୍ରପତିଙ୍କୁ ଚିଠି ଲେଖିବା ସହ ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ମାତ୍ର ସମ୍ପ୍ରତି ସେହି ସ୍ୱର ଧ୍ୱମେଇ ଯାଇଛି। ଏନେଇ ପଚାରିବାରେ ପଟ୍ଟନାୟକ କହିଛନ୍ତି, କୋହିନୁର ହୀରାକୁ

### ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହେବ ଶ୍ରୀଜଗନ୍ନାଥ ସେନା



ଫେରାଇ ଆଣି ମହାପ୍ରଭୁଙ୍କୁ ସମର୍ପି ଦେବା ପାଇଁ ତାଙ୍କର ପ୍ରଚେଷ୍ଟା ଆଜି ମଧ୍ୟ ଜାରି ରହିଛି। ଇଂଲଣ୍ଡର ରାଣୀ ଏଲିଜାବେଥ-ଦ୍ୱିତୀୟଙ୍କ ଜୀବିତାବସ୍ଥାରେ ସେ ତାଙ୍କୁ ଚିଠି ଲେଖିଥିଲେ। ଇଂଲଣ୍ଡର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ତେବେ ଏ ସଂକ୍ରାନ୍ତ ନିଷ୍ପତ୍ତି ଇଂଲଣ୍ଡ ସରକାରଙ୍କ ହାତରେ ରହିଛି, ତେଣୁ ସେ ଇଂଲଣ୍ଡ ଆସି ସରକାରଙ୍କ ସହିତ ଆଲୋଚନା କରନ୍ତୁ ବୋଲି ରାଣୀଙ୍କ ତରଫରୁ ସୂଚନା ଦିଆଯାଇଥିଲା। ଏହାପରେ ସେ ତାଙ୍କ ସ୍ତ୍ରୀଙ୍କ ସହିତ କୋଲକାତା ଯାଇ ଇଂଲଣ୍ଡ ଯିବା ଲାଗି ଭିଜା ଆବେଦନ କରିଥିଲେ। ମାତ୍ର ଇଂଲଣ୍ଡ ସରକାର ତାଙ୍କୁ ଗରିବ କହି ଭିଜା ଦେବାକୁ ମନା କରିଦେଇଛନ୍ତି। ତାଙ୍କର ୪୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ଭିଜା ମିଳିଲା ନାହିଁ। ତେବେ ତାଙ୍କ ପାଖରେ ଅନ୍ୟ କିଛି ଉପାୟ ନ ଥିବାରୁ ସେ ଏ ନେଇ ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସେହିପରି ଏହି ପ୍ରସଙ୍ଗରେ ସେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ଓ ନିଷ୍ପତ୍ତି ଅନୁଯାୟୀ ଯାହା କିଛି ହୋଇପାରିବ ବୋଲି ତାଙ୍କୁ କୁହାଯାଇଛି। ତେବେ କାର୍ଯ୍ୟବ୍ୟସ୍ତ ଥିବାରୁ ସେ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ ପାରିନାହାନ୍ତି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସହ ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବେ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ମହାରାଜା ରଣଜିତ ସିଂ ପୁରୀ ଆସିଥିବାବେଳେ ଶ୍ରୀମନ୍ଦିର ଦକ୍ଷିଣଦ୍ୱାରରେ ଶିବିର ପକାଇ ରହିଥିଲେ। ବର୍ତ୍ତମାନ ଦୁଇଟି ସ୍ଥାନରେ ସମ୍ପୃକ୍ତ ଲେଖା ରହିଛି, ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ଯେ, କୋହିନୁର ହୀରା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବାକୁ ଘୋଷଣା କରୁଛି। ତେଣୁ ଏବେ ତାହା କିଭଳି ଶ୍ରୀକ୍ଷେତ୍ର ଆସିବ ସେନେଇ ଚେଷ୍ଟା ହେବା ଦରକାର। ସେହିପରି ଦଇତାପତି ସେବାୟତ କୀର୍ତ୍ତି ପ୍ରକାଶ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ମଥାରେ କୋହିନୁର ହୀରା ଶୋଭା ପାଇବା ଉଚିତ। ମହାପ୍ରଭୁଙ୍କ ଅଳଙ୍କାର ତାଙ୍କ ନିକଟରୁ ଫେରି ଆସିବା ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ। ଅନ୍ୟପକ୍ଷରେ ୧୯୪୭ ମସିହା ପରଠାରୁ ପ୍ରାୟ ୫ଥର ବ୍ରିଟିଶ ସରକାରଙ୍କୁ ଭାରତ ପକ୍ଷରୁ କୋହିନୁର ହୀରା ଫେରାଇ ଦେବା ପାଇଁ ଦାବି କରାଯାଇଥିଲେ ମଧ୍ୟ ସଫଳତା ମିଳିପାରିନାହିଁ।

## ବଳଗଣ୍ଡି ହାଇସ୍କୁଲରେ ସଡ଼କ ସୁରକ୍ଷା ସଚେତନତା

ପୁରୀ ଅଫିସ, ୧୯।୧

ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ୨୦୨୩ ପାଳନ କରାଯାଉଛି। ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ନେଇ ବଳଗଣ୍ଡି ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଭିଡିଓ ବାର୍ତ୍ତା ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଏଥିରେ ତତ୍ତ୍ୱାବଧାନ କରିଥିଲେ। ସେହିପରି ସିଂହଦ୍ୱାରଠାରେ ପୁରୀ ବଡ଼ ବଜାର ଉଠାଦୋକାନୀ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ପବିତ୍ର ବଡ଼ଦାଣ୍ଡ ଉପରେ ଠିଆ ହୋଇ ମହାପ୍ରସାଦକୁ ସାକ୍ଷୀ ରଖି ଟ୍ରାଫିକ ନିୟମ ମାନିବାକୁ ପ୍ରତିଜ୍ଞା କରିଥିଲେ। ସେହି ସମୟରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ମହାପ୍ରସାଦ ଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ବୁଝାଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପଟ୍ଟନାୟକଙ୍କ ସମେତ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସଂକ୍ଷେପରେ

### ରସାୟନ ବିଭାଗର ଆଲୋଚନାଚକ୍ର

ପିପିଲି,୧୯।୧(ଡି.ଏନ୍.ଏ.): ପିପିଲି କଲେଜ ରସାୟନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଶରତ ଦାଶ ଯୋଗଦେଇ ରସାୟନ ବିଜ୍ଞାନ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରସାୟନ ବିଭାଗ ମୁଖ୍ୟ ଶରତ ପ୍ରଧାନ ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିବାବେଳେ ପ୍ରାଧ୍ୟାପକ ତ୍ରିନାଥ ଶତପଥୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଧ୍ୟାପିକା ରଚିତା ସାହୁ, ବନାନୀ ମହାପାତ୍ର, ବିପ୍ଳବ କେଶରୀ ସିଂ, ଲ୍ୟାବ ଆଟେଣ୍ଡାଣ୍ଟ ଗଙ୍ଗାଧର ପ୍ରଧାନ, ଏନ୍‌ସିସି ଅଧ୍ୟାପକ କ୍ୟାପ୍‌ଟେନ ଆଦିତ୍ୟ ପ୍ରସାଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

### ଫେବୃୟାରୀ ୫ରେ ଜିଲା ସମ୍ମିଳନୀ

ଅସ୍ତରଙ୍ଗ/କାକଟପୁର,୧୯।୧(ଡି.ଏନ୍.ଏ.): ପୁରୀସ୍ଥିତ ଏକ ହୋଟେଲରେ ପୁରୀ ଜିଲାର ଅସ୍ତରଙ୍ଗ ବ୍ଲକକୁ ବାଦ୍ ଦେଇ ଅନ୍ୟ ୧୦ଟି ବ୍ଲକର ସମିତି ସଭ୍ୟ ଓ ବ୍ଲକ ଅଧକ୍ଷା ଅଧ୍ୟକ୍ଷଙ୍କୁ ନେଇ ଆଗାମୀ ଦିନରେ ଜିଲା ସମ୍ମିଳନୀ ଆୟୋଜନ ଅବ୍ୟବହିତ ପୂର୍ବରୁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭ୍ୟମାନଙ୍କୁ ଅଧିକ କ୍ଷମତା ଦେବାକୁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ ଫେବୃୟାରୀ ୫ରେ ପୁରୀସ୍ଥିତ ଟାଉନ ହଲ୍‌ରେ ଉକ୍ତ ସମ୍ମିଳନୀ କରାଯିବାକୁ ବୈଠକରେ ନିଷ୍ପତ୍ତି ହେବା ସହ ୨୬୮ ସମିତି ସଭ୍ୟ ଉକ୍ତ ସମ୍ମିଳନୀରେ ଯୋଗ ଦେବେ ବୋଲି ସତ୍ୟବାଦୀ ପଞ୍ଚାୟତ ସମିତିର ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଛନ୍ତି। ବୈଠକରେ ସତ୍ୟବାଦୀ, ଡେଲାଙ୍ଗ, ପିପିଲି, ବ୍ରହ୍ମଗିରି, କାକଟପୁର ଓ ଗୋପ ବ୍ଲକର ଅଧକ୍ଷା ଅଧ୍ୟକ୍ଷମାନଙ୍କ ସହିତ ମୋଟ ୪୭ ଜଣ ସମିତିସଭ୍ୟ ଉପସ୍ଥିତ ଥିଲେ। ସମିତିସଭ୍ୟମାନଙ୍କୁ ବର୍ତ୍ତମାନ ମିଳିଥିବା କ୍ଷମତା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲା ସମ୍ମିଳନୀ ପାଇଁ ପ୍ରତ୍ୟେକ ବ୍ଲକ ଲାଗି ସେହି ବ୍ଲକର କିଛି ସଭ୍ୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ସେମାନଙ୍କ ବ୍ଲକର ସମସ୍ତ ସମିତିସଭ୍ୟା/ସଭ୍ୟଙ୍କ ପାଖକୁ ଯାଇ ସାକ୍ଷାତ ଆଲୋଚନା କରି ସମ୍ମିଳନୀକୁ ସମସ୍ତଙ୍କୁ ଆଣିବା ସହ ଜିଲା ଗ୍ରୁପ୍‌ର ସମସ୍ତ ସୂଚନା ମଧ୍ୟ ବ୍ଲକ ସ୍ତରରେ ପହଞ୍ଚାଇବେ।

### ଧୈର୍ଯ୍ୟ, ସାହସ, ସହନଶୀଳତାରେ ନାରୀ ହେଉଛି ସର୍ବଶ୍ରେଷ୍ଠ

■ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

କଣାସ,୧୯।୧(ଡି.ଏନ୍.ଏ.): କଣାସ ବ୍ଲକ ଅନ୍ତର୍ଗତ ମାତୃବିହାର ବରୁଣ ନଗର ଗଡ଼ସାହିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୦ମ ବ୍ଲକସ୍ତରୀୟ ମହିଳା ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅକ୍ଷୟ ରାୟସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ବେଣୁଧର ସେନାପତି, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷା ମିନତି ହରିଚନ୍ଦନ, ଜୋନ୍ ଆବାହକ ସୁକାନ୍ତ ଜେନା, ଜିଲା ଆବାହକ ଗଙ୍ଗାଧର ମହାପାତ୍ର, ଜିଲା ପରିଷଦ ସଭ୍ୟ ଲତାମଣି ଜଗଦେବ, ବିଜୟ ପରିଡ଼ା, ଦିଲୀପ ପରିଡ଼ା, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇ ନାରୀଙ୍କ ଗୁଣଗାନ କରିଥିଲେ। ଧୈର୍ଯ୍ୟ, ସାହସ, ସହନଶୀଳତାରେ ନାରୀ ହେଉଛି ସର୍ବଶ୍ରେଷ୍ଠ। ସାଧନା ବଳରେ ନାରୀ ଏକ ଦିବ୍ୟ ସମାଜ ଗଠନ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।




ପୁରୀ ବେଳାଭୂମିରେ ଅନୁଷ୍ଠିତ ଓଲି ୱାର୍ଲ୍ଡ କାର୍ଯ୍ୟକ୍ରମରେ ପରବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଡାକୋଟା ବିମାନକୁ ପୁରୀ ଆଣିବାକୁ ଦାବି

ପୁରୀ ଅଫିସ, ୧୯।୧

■ ସଂଗ୍ରହାଳୟ କରି ରଖାଯାଉ
■ ବିଜୁବାବୁଙ୍କ ନୂଆ ସ୍ମୃତିପୀଠ କରାଯାଉ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନକୁ ପୁରୀ ଆଣିବା ଓ ତାଙ୍କର ଏକ ନୂଆ ସ୍ମୃତି ପୀଠ ସ୍ଥାପନ କରିବାକୁ ଦାବି କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଗୁରୁବାର ବିଜୁବାବୁଙ୍କ ଅସ୍ଥି ଥିବା ଅର୍ବାନ ହାଟରେ ଦାବି କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ବିଜୁବାବୁ କୌଣସି ଦଳର ନୁହନ୍ତି। ସେ ସମଗ୍ର ଦେଶର ସମ୍ପତ୍ତି। ତାଙ୍କର ପ୍ରିୟ ଡାକୋଟା ବିମାନ ଓଡ଼ିଶା ଫେରିଛି ଯାହା ଖୁସିର କଥା। ମାତ୍ର ବିଜୁ ବାବୁଙ୍କ ଡାକୋଟା ବିମାନକୁ ପୁରୀ ଅଣାଯାଇ ପୁରୀରେ ସଂଗ୍ରହାଳୟ କରାଯାଇ ତାକୁ ରଖାଯାଉ। କାରଣ ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳ ପୁରୀକୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ତେଣୁ ଡାକୋଟାକୁ ପୁରୀରେ ରଖାଗଲେ ବିମାନଟିକୁ ଧନୀ ଗରିବ, ଦେଶୀ ଓ ବିଦେଶୀ ଲୋକ ଦେଖିପାରିବେ। ମାତ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ବିମାନଟିକୁ ଭୁବନେଶ୍ୱର ବିମାନବନ୍ଦର ପରିସରରେ ରଖିବେ ସେଠାରେ କେବଳ ବିମାନ ଯାତ୍ରୀମାନେ ଦେଖିପାରିବେ। ମାତ୍ର ସମସ୍ତେ ଦେଖିପାରିବେ ନାହିଁ। ସେହିପରି ବିମାନ ଯାତ୍ରା କରୁଥିବା ଯାତ୍ରୀମାନେ ଯିବାଆସିବା ବେଳେ ତରବର ହୋଇ ରହୁଥିବାରୁ ବ୍ୟବସ୍ଥା ଭିତରେ ଦେଖିପାରିବେ ନାହିଁ। ସେହିପରି ଗରିବ ଲୋକ କେବେ ମଧ୍ୟ ବିମାନରେ ଯାତ୍ରା କରେ ନାହିଁ ତେଣୁ ସେମାନେ ଡାକୋଟା ଦେଖିବାକୁ ବଞ୍ଚିତ ହେବେ। ତେବେ ବିଜୁ ବାବୁଙ୍କ ଡାକୋଟା ବିମାନ ଫେରାଇ ଆଣିବା ପାଇଁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ କରିଥିଲା। କେନ୍ଦ୍ରୀୟ ବିମାନ ଚଳାଚଳ ମନ୍ତ୍ରୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୧୯ରେ କେନ୍ଦ୍ରୀୟ ବିମାନ ଚଳାଚଳ ମନ୍ତ୍ରାଳୟ ଚିଠି ମାଧ୍ୟମରେ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାରଙ୍କ ସହ ମିଶି ବିମାନଟିକୁ ଦର୍ଶନୀୟ ସ୍ଥାନରେ ରଖାଯାଉ। ଫଳରେ ଲୋକମାନେ ଐତିହାସିକ ବିମାନକୁ ଦେଖିବା ସହ ବିଜୁ ବାବୁଙ୍କ ବୀରତ୍ୱ ସମ୍ପର୍କରେ ସୂଚନା ପାଇବେ।



ଅର୍ବାନ ହାଟରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଡାକୋଟାକୁ ପୁରୀ ଆଣିବାକୁ ଦାବି କରାଯାଉଛି।

## ଜାତୀୟ ମତଦାତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୧୯।୧

ଆସନ୍ତା ୨୫ ତାରିଖରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ହେବ। ଭୋଟରଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବାକୁ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତଥା ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୁବ ଭୋଟରଙ୍କୁ ମତଦାନ ପାଇଁ ପ୍ରୋତ୍ସାହିତ କରିବା, ନୂଆ ଭୋଟର କାର୍ଡ ପ୍ରଦାନ ଓ ସଚେତନତା ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ବ୍ୟବସ୍ଥା ହୋଇଛି। ୨୫ ତାରିଖ ଅପରାହ୍ନ ୧.୩୦ରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏନେଇ ବୈଠକ ହେବ। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ନୂତନ ଭୋଟରଙ୍କୁ ଭୋଟର କାର୍ଡ ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଛି। ଉକ୍ତ ବୈଠକରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ରିଡର ଡ. ହରପ୍ରିୟା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ଶ୍ରୀକ୍ଷେତ୍ର ମହୋତ୍ସବ

ପୁରୀ ଅଫିସ, ୧୯।୧

### ସରକାରଙ୍କ ବାର୍ଷିକ କ୍ୟାଲେଣ୍ଡରରେ ସାମିଲ ପାଇଁ ଦାବି

ଆସନ୍ତା ୨୭ତାରିଖରେ ଶ୍ରୀକ୍ଷେତ୍ର ମହୋତ୍ସବ ଆରମ୍ଭ ହେବ। ଏହି ଉତ୍ସବ ପୁରୀର ଗର୍ବ ଓ ଗୌରବର ପ୍ରତୀକ। ତେଣୁ ଏହାକୁ ଆକର୍ଷଣୀୟ ଭାବେ ପାଳନ କରିବାକୁ ନେଇ ମୋଚିସାହି ନୂଆ ତୋଟା ଜାଗା ଘରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ମହୋତ୍ସବ ପାଇଁ ଶ୍ରୀକ୍ଷେତ୍ର ଅନେକ ମାନ୍ୟତା ରଖୁଥିବାରୁ ଓ ଜାଗା ଆଖଡାର ଦକ୍ଷତା ଓ ପ୍ରଦର୍ଶନ ସାମିଲ ହେଉଥିବାରୁ ଏହାକୁ ଅଧିକ ଲୋକପ୍ରିୟ କରିବାକୁ ମତ ଦେଇଥିଲେ। ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରି ଏହି ମହୋତ୍ସବ ପାଳନ ପାଇଁ ଜିଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି କହିଥିଲେ। ତେବେ ଏଥିପାଇଁ ସରକାରଙ୍କୁ ମଧ୍ୟ ସହଯୋଗ ପାଇଁ ଅନୁରୋଧ କରାଯାଇଛି। କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରା ପରି ଏହାକୁ ସରକାରଙ୍କ ବାର୍ଷିକ କ୍ୟାଲେଣ୍ଡରରେ ସାମିଲ ପାଇଁ ସଦସ୍ୟଙ୍କ ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ନିଷ୍ପତ୍ତି ଅନୁସାରେ ଶରଧାବାଲିରେ ହେବାକୁ ଥିବା ଏହି ମହୋତ୍ସବ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ହେବ। ପ୍ରଥମଦିନ ରାଜ୍ୟପାଳ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନ୍ୟାନ୍ୟ ମାନ୍ୟଗଣ୍ୟ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଜାଗା ଘର ଓ ଆଖଡା ତରଫରୁ ପାରମ୍ପରିକ କଳା ପ୍ରଦର୍ଶନ କରାଯିବା ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଉଦ୍‌ଘାଟନ ଦିନ ଜହ୍ନିମୁଣ୍ଡିଆ ଛକଠାରୁ ସିଂହଦ୍ୱାର ଦେଇ ଶରଧାବାଲି ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିସହ ପଲ୍ଲିଶ୍ରୀ ମେଳାର ମଧ୍ୟ ଆୟୋଜନ କରାଯାଇଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଏକାଧିକ ସବ କମିଟି ଗଠନ କରାଯାଇ ଦାୟିତ୍ୱ ଦିଆଯାଇଛି। ବୈଠକରେ ୮ ସାହି ଆଖଡା ସମନ୍ୱୟ ସମିତି ସଭାପତି ବାବାଜୀ ମହାପାତ୍ର, ସମ୍ପାଦକ ତଳଛୁ ନୀଳକଣ୍ଠ ମହାପାତ୍ର, ଦୋଳ ମଣ୍ଡପ ସାହି ଆଖଡ଼ା ସମ୍ପାଦକ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ଦୋଳମଣ୍ଡପ ସାହି ଆଖଡା ସଭାପତି ନିରଞ୍ଜନ ସିଂହାରୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ଦୁର୍ଗା ଦାସମହାପାତ୍ର, ଚକ୍ରଧର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜାଗା ଆଖଡା ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଯୋଗଦେଇଥିଲେ। ଶେଷରେ ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତ ରାୟ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

କଣାସ,୧୯।୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ କଣାସଠାରେ ପ୍ରତିଷ୍ଠିତ ଯୁକ୍ତ ୨ କଣାସ କଲେଜରେ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ହୋଇଯାଇଛି। କଲେଜ ଅଧ୍ୟକ୍ଷ ବନବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକ ସୁନିଲ ମିଶ୍ର, ପ୍ରମୋଦ ହୋତା, ଗଦାଧର ଶତପଥୀ, ପ୍ରଫୁଲ୍ଲ ଜେନା ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିଖି ନିଜକୁ କିପରି ସୁରକ୍ଷିତ ରଖିପାରିବ ତାହା ଅତିଥିମାନେ କହିଥିଲେ। ପ୍ରଶିକ୍ଷିକା ଭାବେ ପୂଜା ଘଡ଼େଇ ଯୋଗ ଦେଇଥିବାବେଳେ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗଙ୍ଗାଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆକର୍ଷଣୀୟ ଭାବେ ପାଳନ କରାଯିବ ସାଧାରଣତନ୍ତ୍ର ଦିବସ

ପୁରୀ ଅଫିସ, ୧୯।୧

### ଦ୍ୱିତୀୟ ପ୍ରସ୍ତୁତି ବୈଠକ

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ମଙ୍ଗଳବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ (ପ୍ରଶାସନ)ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ୨ ବର୍ଷ ଧରି କୋଭିଡ୍ ପ୍ରଭାବରେ ସମସ୍ତ କାର୍ଯ୍ୟକ୍ରମ କଟକଣା ମଧ୍ୟରେ ପାଳନ ହେଉଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପରିସ୍ଥିତି ଠିକ୍ ଥିବାରୁ ସମ୍ଭବତଃ ଲୋକଙ୍କ ଉପସ୍ଥିତିରେ ଚଳିତ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ତେଣୁ ଏହାକୁ ଆକର୍ଷଣୀୟ ଭାବେ ସମସ୍ତଙ୍କ ସହଯୋଗରେ ପାଳନ କରିବାକୁ ଅତିରିକ୍ତ ଜିଲାପାଳ ସାହୁ ଆହ୍ୱାନ ଦେଇଥିଲେ। ଜିଲାର ବିଭିନ୍ନ ପ୍ରତିଭାସମ୍ପନ୍ନ ବ୍ୟକ୍ତି, ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ସମସ୍ତଙ୍କୁ ତାଲିକାଭୁକ୍ତ କରି ଚୟନ କମିଟି ସହଯୋଗରେ ଚୂଡ଼ାନ୍ତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏଡିଏମ୍‌ପିଏଚ୍‌ଓ ଡ. ଏନ୍‌ସି ଜେନା, ଏଡିଇଓ ମମତା ମିଶ୍ର, ଡିସିପିଓ ମନୋଜ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## ଜିଲା ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

ପୁରୀ ଅଫିସ, ୧୯।୧

ଆଇପିଏସ୍ ଅଧିକାରୀ ଦୀପ୍ତେଶ ପଟ୍ଟନାୟକଙ୍କ ବିବାଦୀୟ କାର୍ଯ୍ୟକଳାପ ଏବଂ ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ହତ୍ୟାର ଠିକ୍ ତଦନ୍ତ ଦାବି କରି ପୁରୀ ଜିଲା ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ଏବଂ କଂଗ୍ରେସ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ଅଭିଯୋଗ ଯେ, ଆଇପିଏସ ଅଧିକାରୀ ଦୀପ୍ତେଶ ପଟ୍ଟନାୟକ ସରକାରୀ ବାସଭବନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାର୍ଟି କରିବା ଓ ସେଠି ତାଙ୍କ ସ୍ତ୍ରୀଙ୍କ ମୋବାଇଲ ଚୋରି ହୋଇଯିବା ଅଭିଯୋଗରେ ଆଦିବାସୀ ଲୋକଙ୍କୁ ପିଟିଥିବା ଅଭିଯୋଗ ହୋଇଛି। ବାରମ୍ବାର ଏମିତି ବିବାଦରେ ରହିବା ସତ୍ତ୍ୱେ ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସେହିପରି ପୁରୀ ଭୁଆଁ ଗ୍ରାମର କ୍ରିକେଟର ରାଜଶ୍ରୀ ସ୍ୱାଇଁ ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ରେଖା ଦେବା ସହ ତାଙ୍କ ପରିବାରକୁ ଦବେଇ ଦେବାକୁ ଚେଷ୍ଟା କରାଯାଉଥିବା ଦଳ ଅଭିଯୋଗ କରିଛି। ତାଙ୍କର କମିଟିରେ ମନୋନୀତ ନ ହେବାରୁ ଘରକୁ ଫୋନ କରି ଘରକୁ ଫେରୁଛି ବୋଲି କହିଥିଲେ। ମାତ୍ର ରାଜଶ୍ରୀଙ୍କ ମୃତଦେହ ଅନ୍ୟ ଜାଗାରୁ ଶାଢ଼ିରେ ବନ୍ଧା ହୋଇ ଓହଳିବା ସହ ତାଙ୍କ ମୁଣ୍ଡ ଓ ଦେହରେ କ୍ଷତ ଥିବା ଦେଖାଦେଇଥିଲା। ତାଙ୍କ ଗାଡ଼ିରୁ ଏକ ହାତଲେଖା ଆତ୍ମହତ୍ୟାର ଚିଠି ଥିଲା।



ଜିଲା ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ଏବଂ କଂଗ୍ରେସ ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଉଛି।

### ଆଇପିଏସ୍ ଦୀପ୍ତେଶଙ୍କ କାର୍ଯ୍ୟ, ମହିଳା କ୍ରିକେଟର ରାଜଶ୍ରୀଙ୍କ ହତ୍ୟାର ତଦନ୍ତ ଦାବି

ତେବେ ସରକାର ଏହାକୁ ଆତ୍ମହତ୍ୟା ବୋଲି କହୁଛି। ତେଣୁ ଘଟଣାକୁ ଠିକ୍ ତଦନ୍ତ କରି ରାଜଶ୍ରୀଙ୍କୁ ନ୍ୟାୟ ଦେବା, ତାଙ୍କ ଭଉଣୀଙ୍କୁ ସରକାରୀ ଚାକିରି ଓ ପରିବାରକୁ ଘର ଖଣ୍ଡେ ସରକାର ପ୍ରଦାନ କରନ୍ତୁ। ଯଦି ସରକାର ଠିକ ତଦନ୍ତ କରିପାରୁ ନାହାନ୍ତି, ତେବେ କେନ୍ଦ୍ରୀୟ ଟିମ ଗଠନ କରି ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ନେତା ଆଲୋକ ଦାଶ ଓ ଛାତ୍ର ଜିଲା ସଭାପତି ଆଶୁତୋଷ ମିଶ୍ର, କୃପା ରାଓ, ବସ୍ତି ନେତା ମନୋଜ ମଣ୍ଡଳ, ସଦର ଯୁବ ନେତା ଆଦିତ୍ୟ ସାମନ୍ତରାୟ, ବିଶ୍ୱ ଦାଶ, ତପନ କାଣ୍ଡିଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମହାନଦୀ ପାଟରେ ମାଛ ଯାଁଳ ଛଡ଼ାଗଲା

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ପଞ୍ଚାୟତସ୍ଥ କୁରୁମଚଇନୀ ମହାନଦୀ ଘାଟରେ ମାଛ ଯାଁଳ ଛଡ଼ାଯାଇଛି। ଏଥିରେ କଟକ ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ୩୫ନଂ. ଜିଲା ପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ସରପଞ୍ଚ ପ୍ରତିନିଧି ବିମଳ ଦାଶ, ସମିତି ସଭ୍ୟ ପ୍ରତିନିଧି ତ୍ରିନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବଦତ୍ତ ମହାନ୍ତି, ସହଅଧିକାରୀ ସୁଧାଂଶୁ ଓଝା, ବାଙ୍କୀ ବ୍ଲକ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନ ପ୍ରମୁଖ ସଞ୍ଚାଳନ କରିଥିଲେ।



## ସଂକ୍ଷେପରେ

### ଫରେଷ୍ଟ ବିଟ୍ ହାଉସ ପାଇଁ ଭୂମିପୂଜା

ମାହାଙ୍ଗା,୧୯।୧(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଉଷୁମା ପଞ୍ଚାୟତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟରେ ମାହାଙ୍ଗା ଫରେଷ୍ଟ ବିଟ୍ ହାଉସ ପାଇଁ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମ କ୍ରମେ ନୂତନ ଫରେଷ୍ଟ ବିଟ ହାଉସ ମାହାଙ୍ଗାରେ ପ୍ରତିଷ୍ଠା କରାଯାଉଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ୍ତ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଭୂମି ପୂଜା ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ୍ ଅଧକ୍ଷା ଦୀପା ମଲିକ, ସମ୍ମାନିତ ଅତିଥି ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ସମିତିସଭ୍ୟ ଦୁର୍ଗାପ୍ରସାଦ ବାରିକ, ସାମାଜିକ କର୍ମୀ ନିରଞ୍ଜନ ପ୍ରଧାନ, ବ୍ଲକ୍ ବିଜେଡି ସଭାପତି ଶରତ ମହାପାତ୍ର ଓ ବୈରୀ ବନାଞ୍ଚଳ ଅଧିକାରୀ କୃଷ୍ଣଚନ୍ଦ୍ର ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଯୋଗେଶ ମହାନ୍ତି, ମାନସ ରଞ୍ଜନ ବେହେରା, ତପନ ମିଶ୍ର, ତୁଷାରକାନ୍ତ ମିଶ୍ର, ଯୁବନେତା ଅମିୟ ନାୟକ, ରମେଶ ଚନ୍ଦ୍ର ପରିଡା, ରାଜେଶ ରାଉତ, ଅମର ଜେନା, ଶଙ୍କର୍ଷଣ ମଲିକ, ନିରଞ୍ଜନ ସାହୁ, ଭରତ ଚନ୍ଦ୍ର ମଲିକ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ୍: ରୟାଲ ଆଇଆର୍‌ସି ସେମିରେ

ମାହାଙ୍ଗା,୧୯।୧(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ସାହାପୁର ପଞ୍ଚାୟତ ବାଲିପଡିଆ ଖେଳପଡିଆଠାରେ ଚାଲିଥିବା ଆନ୍ତଃଜିଲା ବାଲିପଡ଼ିଆ ପ୍ରିମିୟମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ୮ ଟିମ ଭାଗ ଦେଇଥିଲେ। ଏଥିରେ ରୟାଲ ଆଇଆରସି ଭୁବନେଶ୍ୱର ସେମିପାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସୁବାସ ମହାନ୍ତିଙ୍କ ନେତୃତ୍ୱରେ ଅତିଥିଭାବେ ମାହାଙ୍ଗା ଛାତ୍ର ବିଜେଡି ସଭାପତି ହିତେଶ ରାଉତ, ତ୍ରିନାଥ ଜେନା, ପ୍ରଶାନ୍ତ ଦାସ, ଅଶୋକ ସିଂହ, ଯୁବନେତା ଜଗତମୋହନ ପଟ୍ଟନାୟକ, ସାମ୍ବାଦିକ ଅଶୋକ ଦାଶ, ମାହାଙ୍ଗା ସୋସିଆଲ ମିଡିଆ ସମ୍ପାଦକ ଅନୁପମ ମିଶ୍ର, ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ଯୁବନେତା ସ୍ୱାଧୀନ ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ ସିଂହ ପ୍ରମୁଖ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଭୟ ପଣ୍ଡା, ଆଜାଦ ଆଲାମ, ସମୟ ମହାନ୍ତି, ସମରଜିତ ପରିଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜୟ ଜେନା, କେଦାର କବାଟି, ସୁକୁରିଆ କବାଟି, କେଶବ ଲେଙ୍କା, ବିଜୟ ସାହୁ, କ୍ଷୀରୋଦ ଦାସ, ଏସ୍.କେ ଆସିତ ଅଲି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ଯୁବ ଦିବସ ପାଳିତ

ବାଙ୍କୀ,୧୯।୧(ସ୍ୱ.ପ୍ର.): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବରିଷ୍ଠ ନାଗରିକ ସଭାଗୃହରେ ବାଙ୍କୀ ଆଞ୍ଚଳିକ ହରିଜନ କଲ୍ୟାଣ ପରିଷଦ ଏବଂ ନେହେରୁ ଯୁବକେନ୍ଦ୍ର, କଟକ ମିଳିତ ଆନୁକୂଲ୍ୟରେ ଗୁରୁବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦ ସମ୍ପାଦକ କେଶବ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ପଣ୍ଡା, ମୁଖ୍ୟବକ୍ତା ଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଦୀପକ ସ୍ୱାଇଁ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିରେ ଡମପଡ଼ା ଆଞ୍ଚଳିକ ମହାବିଦ୍ୟାଳୟ ଯୁକ୍ତ ୩ ଛାତ୍ରୀଛାତ୍ର ବିବେକାନନ୍ଦଙ୍କ ଆଦର୍ଶ ଏବଂ ତାଙ୍କର ସନାତନ ଧର୍ମକୁ ରକ୍ଷା କରିବାରେ ଯେଉଁ ପ୍ରଚେଷ୍ଟା କରିଥିଲେ, ତାହା ଉପରେ ବିଶଦ ଆଲୋଚନା କରାଯାଇଥିଲା। ସଭ୍ୟ ଆଲୋକ ବେହେରା ଧନ୍ୟବାଦ ଦେଇଥିଲେ।

### ୨୪ରୁ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ୍

ଭୁବନେଶ୍ୱର, ୧୯।୧(ବ୍ୟୁରୋ) କଳିଙ୍ଗ ଲିଟେରାରି ଫେଷ୍ଟିଭାଲ୍ (କେଏଲ୍‌ଏଫ୍) ପକ୍ଷରୁ ୨୦୨୨ ବର୍ଷ ପାଇଁ କେଏଲ୍‌ଏଫ୍ ପୁସ୍ତକ ପୁରସ୍କାର ଘୋଷଣା କରାଯାଇଛି। ସଞ୍ଜୀବ ସାନ୍ୟାଲ, ହିନ୍ଦୋଲ୍ ସେନଗୁପ୍ତା, ରଣଜିତ ହସ୍‌କୋଟେ, ଅକ୍ଷୟ ମୁକୁଲ, ପ୍ରବୀଣ କୁମାର ପ୍ରମୁଖଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଉପନ୍ୟାସ, ଅଣଉପନ୍ୟାସ, ଅନୁବାଦ, କାବ୍ୟ, ହିନ୍ଦୀ ଭାଷା, ଭାଷା ପ୍ରଥମ, ବାଣିଜ୍ୟ, ପରିବେଶ, ଜୀବନୀ ଓ ଆତ୍ମଜୀବନୀ, କ୍ରୀଡ଼ା, ଜୀବନଶୈଳୀ ଓ ଉଦୀୟମାନ ଧାରା ଏବଂ ଶିଶୁ ପୁସ୍ତକ ଆଦି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଫେବୃୟାରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଏହି ଫେଷ୍ଟିଭାଲ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବନ୍ଧ ନିରୀକ୍ଷଣ ନ କରି ପାଣି ଛଡ଼ାଗଲା

**■ ଗାଁରେ ପାଣି ପଶିଲା, ନଷ୍ଟ ହେଲା ଫସଲ**

ନିଶ୍ଚିନ୍ତକୋଇଲି, ୧୯।୧(ସ୍ୱ.ପ୍ର):

କଟକ ଜଗତପୁରସ୍ଥିତ ନର୍ଥ ଡିଭିଜନ ଅଧୀନରେ ଥିବା କେନ୍ଦୁପାଟଣା ଜଳ ସମ୍ପଦ ବିଭାଗର ଦୂରଦୃଷ୍ଟି ଅଭାବ ହେତୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେନାଲ ବନ୍ଧ ନିରୀକ୍ଷଣ ନକରି ପାଣି ଛାଡ଼ି ଦେବାରୁ ଗାଁରେ ପାଣି ପଶିଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ୮ ନଂ. କେନାଲ ବାଟେ ଗୁରୁବାର ସକାଳୁ ଅପ୍ରତ୍ୟାଶିତ ଭାବେ ପାଣି ଆସିଥିଲା। ନତକାଇ ଗ୍ରାମଦେଇ ଯାଇଥିବା କେନାଲ ବନ୍ଧ ଦୁର୍ବଳ ଥିବାରୁ ତାହା ଭାଙ୍ଗି ଯାଇଥିଲା। ଫଳରେ ଷଡ଼ଙ୍ଗୀ ସାହି ମଧ୍ୟରେ ପାଣି ପଶିବା ସହ ଲୋକଙ୍କ ବିଲବାଡିକୁ ପାଣି ମାଡି ଯାଇଥିଲା। ପରିବା କ୍ଷେତରେ ପାଣିପଶି ନଷ୍ଟ ହୋଇଯାଇଥିଲା। ତେବେ ଗାଁ ଲୋକେ ୮ ନମ୍ବର କେନାଲ ସାଇପନରୁ ପାଣି



ବନ୍ଦ କରିବା ପରେ ।ହା ନିୟନ୍ତ୍ରଣ ହୋଇଥିଲା। ବନ୍ଧ ମରାମତି କିମ୍ବା ତଦାରଖ ନକରି ଅଚାନକ କେନାଲରେ ପାଣି ଛାଡିବାରୁ କେବଳ ନତକାଇ ନୁହେଁ, ବହୁ ସ୍ଥାନରେ ବନ୍ଧବାଡ ଭାଙ୍ଗି ପାଣି ମାଡି ଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ସୁବୋଧ କୁମାର ଷଡଙ୍ଗୀ କୁହନ୍ତି, କେନ୍ଦୁପାଟଣା ଜଳ ସମ୍ପଦ ବିଭାଗର ଯନ୍ତ୍ରୀ କେନାଲ ବନ୍ଧ ନିରୀକ୍ଷଣ ନକରି ପାଣି ଛାଡିବାରୁ ଏଭଳି ଅବସ୍ଥା ଉପୁଜିଛି। ଏନେଇ ତୁରନ୍ତ ବନ୍ଧ ମରାମତି କରାଯାଉ।

ଏସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକଙ୍କ ମୋବାଇଲକୁ ବହୁବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ।



କଟକ ସିଟି ହସ୍ପିଟାଲ୍‌ରେ ଗୁରୁବାର ଜଣେ ଯୁବତୀ କରୋନା ଟିକା ନେଉଛନ୍ତି।

## ବାଙ୍କୀ କଲେଜ ପରିସଂଖ୍ୟାନ ବିଭାଗର ଆଲୋଚନାଚକ୍ର

ବାଙ୍କୀ,୧୯।୧(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ଆନୁକୂଲ୍ୟରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିସଂଖ୍ୟାନର ବିଭିନ୍ନ ଦିଗ ଉପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହିତ ମତ ବିନିମୟ ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନଙ୍କ ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଦୀପ୍ତିସ୍ମିତା ଜେନା ସଭାପତିତ୍ୱ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକ ହରିପ୍ରସାଦ ଦାଶ ଓ ଯୁକ୍ତ ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଭବାନୀ ପ୍ରସାଦ ହୋତା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଯୁକ୍ତ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ ଓ ଡ. ଶଶିଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇ ପରିସଂଖ୍ୟାନର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜେନା ଧନ୍ୟବାଦ ଦେଇଥିଲେ।

# ଏସ୍‌ଇସିସି ତାଲିକାକୁ ନେଇ ବିବାଦ

**ପ୍ରଧାନମନ୍ତ୍ରୀ ଆବାସ ପ୍ରସଙ୍ଗ**

କଟକ ସଦର,୧୯।୧(ଡି.ଏନ୍.ଏ.):

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ଜାନୁୟାରୀ ୧୬ରୁ ୨୪ ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଚିଠା ତାଲିକା ଉପରେ ଅଭିଯୋଗ ଗ୍ରହଣ ଜାରି ରହିଛି। ମାତ୍ର ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି) ତାଲିକା-୨୦୧୧ ଉପରେ ବିବାଦ ଦେଖାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ହିତାଧିକାରୀ ମନୋନୟନବେଳେ ଉକ୍ତ ତାଲିକାକୁ ମୂଳ ଆଧାର ଭାବେ ଗ୍ରହଣ କରିବା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ କଟକ ସଦର ବ୍ଲକ ପ୍ରଶାସନ ଏହାକୁ ମାନୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଭାଜପା କଟକ ଜିଲା ଉପସଭାପତି ଗୋକୁଳ ପ୍ରଧାନ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାରୀ ନିର୍ଦ୍ଦେଶର କେଉଁ ଆଧାରରେ ଏସଇସିସି ତାଲିକାକୁ ବ୍ଲକ ପ୍ରଶାସନ ଅଗ୍ରାହ୍ୟ କରିବା ପାଇଁ କ୍ଷେତ୍ରୀୟ କର୍ମଚାରୀଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି ତାହାର ତଦନ୍ତ ପାଇଁ ପ୍ରଧାନ ଦାବି କରିଛନ୍ତି। ଏହାକୁ ନେଇ ଗତ ୧୭ ତାରିଖରେ ୪୨ମୌଜା ଅଞ୍ଚଳର ଏକ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଣ ଏସ୍‌ଇସିସି ତାଲିକାରେ ଧନୀ ଥାଇ କିପରି ଆବାସ ତାଲିକାରେ ଜଣେ ବ୍ୟକ୍ତିଙ୍କ ନାମ ଆସିଲା ସେ ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ଧମକ ଦିଆଯାଇ ଫେରାଇ ଦିଆଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନୁଶାସନ ସଚିବ ଏଲ୍. ନାଏକଙ୍କଠାରୁ ପତ୍ରସଂଖ୍ୟା ୪୬୪୭/୯।୩।୨୦୨୧ରେ ମିଳିଥିବା ସୂଚନା ଅନୁଯାୟୀ, ଏବେ ସୁଦ୍ଧା ସମସ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପାଇଁ ଏହି ତାଲିକାକୁ ମୂଳ ଆଧାର ଭାବେ ନିଆଯାଉଛି। କାରଣ ୧୯୯୭ ମସିହା ପରେ ଆଉ ବିପିଏଲ୍ ତାଲିକା ପ୍ରସ୍ତୁତ ହୋଇନାହିଁ। ଏସ୍‌ଇସିସି ତାଲିକା-୨୦୧୧କୁ ରାଜ୍ୟ ସରକାର ୨୦୧୭ରେ ପ୍ରକାଶ କରିଥିଲେ। ଅଦ୍ୟାବଧି ଏହି ତାଲିକା ବଳବତ୍ତର ରହିଛି। ଏ ସମ୍ପର୍କରେ କରଙ୍କୁ ପଚାରିବାରୁ ସରକାରୀ ସ୍ପଷ୍ଟୀକରଣ ପରେ ମୋର ଅଧିକ କିଛି କହିବାକୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ବିଡିଓ ରାଜୀବ ଲୋଚନା ପରିଡାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ନଦୀ ଯୋରରୁ ମଈଁଷି ଉଦ୍ଧାର

ବାଙ୍କୀ,୧୯।୧(ସ୍ୱ.ପ୍ର.)

ନଦୀ ଯୋରରେ ପଡ଼ିଥିବା ଗୋଟିଏ ମଈଁଷିକୁ ଦମକଳ ବାହିନୀ ଗୁରୁବାର ଉଦ୍ଧାର କରିଛି। ମଈଁଷି ଗୋଠ ଚରୁଥିବା ଅବସ୍ଥାରେ ଚନ୍ଦ୍ରପା ସେତୁ ତଳେ ପଡ଼ିଯାଇଥିଲା। ସେ ପାଣି ଭିତରେ ଉବୁଟୁବୁ ହେଉଥିବାବେଳେ ସ୍ଥାନୀୟ ଲୋକେ ବାଙ୍କୀ ଦମକଳ ବାହିନୀକୁ ଖବର ଦେଇଥିଲେ। ବାଙ୍କୀ ଦମକଳ କେନ୍ଦ୍ର ଅଧିକାରୀ ପ୍ରଫୁଲ୍ଲ ମାଝିଙ୍କ ନେତୃତ୍ୱରେ ଫାୟାର ମ୍ୟାନ୍ ଅନିଲ ମହାକୁଡ଼, ଜିତେନ୍ଦ୍ର ପ୍ରଧାନ, ଦିଲୀପ ସାହୁ, ଡ୍ରାଇଭର ବାସୁଦେବ ସେଠୀ ଘଟଣାସ୍ଥଳରେ ପହଞ୍ଚି ମଈଁଷିକୁ ଉଦ୍ଧାର କରିଥିଲେ। ମଈଁଷିକୁ ଉଦ୍ଧାର କରାଯାଇ ମାଲିକ ଅରୁଣ ବେହେରାଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହି ଯୋରଟିରେ ଅତ୍ୟଧିକ ଜଳ ପ୍ରବାହିତ ହେଉଥିବାରୁ ମଈଁଷିଟି ପାଣିରେ ଉବୁଟୁବୁ ହୋଇ ବୁଡ଼ିଯାଇଥିଲା।

## କ୍ରିକେଟ: ସେମିଫାଇନାଲରେ କାଇଝର

ଟିଗିରିଆ,୧୯।୧(ଡି.ଏନ.ଏ)

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ କିରଣ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଆଠଗଡ ଷ୍ଟାର କ୍ରିକେଟ କ୍ଲବ ଓ କାଇଝର କ୍ରିକେଟ କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଷ୍ଟାର କ୍ରିକେଟ୍ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲା। ଜବାବରେ କାଇଝର ଦଳ ୧୮. ୫ ଓଭରରେ ୬ ଉଇକେଟ୍ ହରାଇ ୨୧୭ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଉନ୍ନତ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ସୋମ୍ୟରଞ୍ଜନ ପରିଡା ପୁରସ୍କୃତ ହୋଇଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ସମବାୟବିତ୍ ସନାତନ ପଣ୍ଡା ଓ ମକରଧ୍ୱଜ ପଣ୍ଡା ଯୋଗ ଦେଇଥିଲେ।

# ଲକ୍ଷ୍ମୀନାରାୟଣପୁରରେ ଡାକ୍ତରୀ ଦଳ

ସାଲେପୁର,୧୯।୧ (ଡି.ଏନ.ଏ)

ସାଲେପୁର ବ୍ଲକ ମହାଜନପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଏକାଦଶାହ ଭୋଜି ଖାଇ ଅସୁସ୍ଥ ହେବା ଘଟଣାରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଦଶ ଜଣିଆ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛି। ଏହି ଅବସରରେ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଔଷଧ ବଣ୍ଟନ କରାଯାଇଛି।

ମଙ୍ଗଳବାର ରାତିରେ ଏହି ଗ୍ରାମରେ ଏକଦଶାହ ଭୋଜି ହୋଇଥିଲା। ଭୋଜି ପର ଦିନ ଉକ୍ତ ଗ୍ରାମର କେତେଜଣ ଲୋକଙ୍କ ସମେତ ଛୋଟ ପିଲା ଅସୁସ୍ଥ ହୋଇଯାଇଥିଲେ। ଏପରିକି କେତେଜଣଙ୍କ ମୁଣ୍ଡ ବୁଲାଇବା ସହ ଝାଡ଼ା, ବାନ୍ତି ଓ ଜ୍ୱର ହୋଇଥିଲା। ଫଳରେ ବୁଧବାର ସନ୍ଧ୍ୟାରେ ପ୍ରାୟ ୩୦ ଜଣ ସାଲେପୁର ଓ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ କଟକ ବଡ଼ ଡାକ୍ତଖାନା ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଏନେଇ ଗୁରୁବାର



ଡାକ୍ତରୀଦଳ ଲୋକଙ୍କ ଚିକିତ୍ସା କରୁଛନ୍ତି।

**ଭୋଜି ଖାଇ ୩୦ ଅସୁସ୍ଥ ଘଟଣା**

**■ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଔଷଧ ବଣ୍ଟନ**

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ପ୍ରଧାନ ନେତୃତ୍ୱରେ ଏକ ଟିମ୍ ଗ୍ରାମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛି। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଖବରପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଏହି ଗ୍ରାମରେ ଆଉ ୪ ଦିନ ଧରି ଡାକ୍ତରୀ ଟିମ୍ ରହି ଲୋକଙ୍କ ସ୍ୱାସ୍ଥ୍ୟା ଅବସ୍ଥା ଉପରେ ନଜର ରଖିବାକୁ ସେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି।

## ବରିଷ୍ଠ କଂଗ୍ରେସ ନେତା କିରଣ କରଙ୍କ ପରଲୋକ

ସାଲେପୁର,୧୯।୧(ଡି.ଏନ୍.ଏ.)

ସାଲେପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଛାଣିପୁର ପଞ୍ଚାୟତ କଂଗ୍ରେସ ସଭାପତି କିରଣ କର(୭୨)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ଶାରୀରିକ ଅସୁସ୍ଥତାରୁ କିଛିଦିନ ହେବ ସେ କଟକସ୍ଥିତ ଭଉଣୀ ଘରେ ରହି ଚିକିତ୍ସିତ ହେଉଥିବାବେଳେ ବୁଧବାର ରାତି ୯ଟାରେ ତାଙ୍କ ଛାତି ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିରଣଙ୍କ ମରଶରୀରକୁ ପରିବାର ଲୋକେ ଛାଣିପୁର ପଞ୍ଚାୟତସ୍ଥିତ ଶଙ୍କରପୁର ଗ୍ରାମକୁ ଆଣିଥିଲେ। ସେ ଦୀର୍ଘବର୍ଷ ହେବ ବାଲିଆ ବଜାରରେ ଏକ ଗାର୍ମେଣ୍ଟ ଦୋକାନ କରି ବ୍ୟବସାୟ ମଧ୍ୟ କରୁଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ, ଛାଣିପୁର ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ଷଡ଼ଙ୍ଗୀ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ଅଜିତ ପଣ୍ଡା, ବିଜେଡି ନେତା ବିଶ୍ୱଜିତ୍ ଭୂଷଣ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମାନସିକ ଅବସାଦ ଦୂରକରେ କ୍ରୀଡ଼ା



ମାହାଙ୍ଗା,୧୯।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱଜିତ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅନ୍ନପୂର୍ଣ୍ଣା କର ଯୋଗଦେଇ କ୍ରୀଡ଼ା ମାନସିକ ଅବସାଦ ଦୂରକରେ ବୋଲି କହିଥିଲେ। ଏଥିସହ ଏହାର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତ୍ରୈଲୋକ୍ୟ ବିହାରୀ ଦାସ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କର, ପରିଚାଳନା କମିଟି ସଭାପତି ଅଜିତ ମହାନ୍ତି, ସ୍ୱପ୍ନେଶ୍ୱର ମହାପାତ୍ର ପ୍ରମୁଖ କ୍ରୀଡ଼ାର ଉପକାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ବିଭାଗରେ ଓମ୍‌ପ୍ରକାଶ ଦାସ ଓ ଶୁଭସ୍ମିତା ସାହୁ ଚାମ୍ପିୟନ ହୋଇଥିବାବେଳେ କନିଷ୍ଠ ବିଭାଗରେ ଅନୁରାଗ ମଲିକ ଓ ମେନକା ଦାସ ଚାମ୍ପିୟନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପ୍ରଦୀପ ନାଥ, ବିଜୟ ନାୟକ, ଅନ୍ନପୂର୍ଣ୍ଣା ସାହୁ, ଇତିଶ୍ରୀ ତରାଇ, ଶୁଭକାନ୍ତ ସେଠୀ, ପବିତ୍ର ମଲିକ, ସଞ୍ଜୀବ ଦେଓଗମ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ ରଞ୍ଜନ ଦାସ ଓ ମନୋରଞ୍ଜନ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସାଇନ୍ସ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଇଂ. ଦେବାଶିଷ ଆଚାର୍ଯ୍ୟ କୃତୀ ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ବାଙ୍କୀ କଲେଜ ପରିଦର୍ଶନ



ବାଙ୍କୀ,୧୯।୧(ସ୍ୱ.ପ୍ର.)

ସରକାରଙ୍କ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସଂଗ୍ରାମୀ କେଶରୀ ସାହୁ ଗୁରୁବାର ବାଙ୍କୀ କଲେଜ ପରିଦର୍ଶନରେ ଆସିଥିଲେ। ଏଥିସହ ଯୁକ୍ତ୨ ଶିକ୍ଷାଦାନ, ପରୀକ୍ଷା ପରିଚାଳନା, ବିଜ୍ଞାନାଗାର ଓ ଆତ୍ମକୌଶଳ ପ୍ରଶିକ୍ଷଣ ସମ୍ପର୍କରେ ସମୀକ୍ଷା କରିଥିଲେ। ପରିଦର୍ଶନବେଳେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଯୁକ୍ତ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପିକା ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଭାଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀ ଓ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ଉପସ୍ଥିତ ରହି ସମୀକ୍ଷା କାର୍ଯ୍ୟରେ ସହାୟତା କରିଥିଲେ। ସମୀକ୍ଷା କରି ଆଞ୍ଚଳିକ ନିର୍ଦ୍ଦେଶକ କଲେଜର ସମସ୍ତ କାର୍ଯ୍ୟ ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ।

# କୃଷକ ହେଉଛନ୍ତି ସମାଜର ମେରୁଦଣ୍ଡ

**ବ୍ଲକସ୍ତରୀୟ କୃଷକ ମେଳା**

ସାଲେପୁର,୧୯।୧(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତସ୍ଥିତ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମ ପୀଠରେ ଗୁରୁବାର ବ୍ଲକସ୍ତରୀୟ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ସାଲେପୁର କୃଷି ଜିଲା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କହିଥିଲେ, ସେମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା କହିଥିଲେ। ସାଲେପୁର କୃଷି ଜିଲା ଅଧିକାରୀ ହରିଚରଣ ରଥଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ଆତ୍ମା ସଭାପତି ଦିଲ୍ଲୀପ ଦାଶ, କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ, ମୃତ୍ତିକା ରସାୟନ ଅଧିକାରୀ ହିରଣ୍ୟମୟୀ ଷଡ଼ଙ୍ଗୀ, ବ୍ଲକ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ସହକାରୀ କୃଷି ଅଧିକାରୀ ପ୍ରଜ୍ଞାଦତ୍ତ ପ୍ରିୟଦର୍ଶିନୀ, ବ୍ରଜ କିଶୋର ସାମଲ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣକୁ ଗୁରୁତ୍ୱ ଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ ନିଜ ନିଜ ଖେତର ମୃତ୍ତିକାକୁ ପରୀକ୍ଷା କରିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ଅତିଥି ଅଞ୍ଚଳର କେତେକ ଚାଷୀଙ୍କୁ ମୃତ୍ତିକା ପରୀକ୍ଷା ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ବ୍ଲକସ୍ତରୀୟ କୃଷକ ମେଳାରେ ଯୋଗଦେଇଥିବା ଅତିଥିମାନେ।

**ଡଟ୍‌ଫେଷ୍ଟର ୫ମ ସନ୍ଧ୍ୟା**

# ବାଦ୍ୟ ଝଙ୍କାରରେ ଝୁମିଲେ ଦର୍ଶକ

ବାଦ୍ୟର ଝଙ୍କାର ମନକୁ କରେ ଉଲ୍ଲସିତ। ଦେହ ଓ ମନରେ ଏକ ନୀରବ ଶୀତଳତା ଭରିଥାଏ। ବିନା କୌଣସି ସଙ୍ଗୀତରେ ତବଲା, ବଂଶୀ, ପର୍‌କ୍ୟୁସିନ୍, କିବୋର୍ଡ, ସାକ୍ସୋଫୋନ୍, ହାର୍ପୋ ଆଦି ବାଦ୍ୟଯନ୍ତ୍ରରେ ପୂରି ଉଠିଥିଲା ଡଟ୍‌ଫେଷ୍ଟର ୫ମ ସନ୍ଧ୍ୟା। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ଶିଳ୍ପୀମାନେ ସେମାନଙ୍କର ଚମତ୍କାର ପ୍ରଦର୍ଶନରେ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ହକି ବିଶ୍ୱକପ୍ ପାଇଁ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଭୁବନେଶ୍ୱର ଲାଇଭ୍ କାର୍ଯ୍ୟକ୍ରମର ୫ମ ସନ୍ଧ୍ୟାରେ ଗୁରୁବାର ବାଦ୍ୟଝଙ୍କାର ସହ ଶାସ୍ତ୍ରୀୟ ସଙ୍ଗୀତର ଯାଦୁ ଦେଖିବାକୁ ମିଳିଥିଲା।

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଅନ୍ତର୍ଜାତୀୟ ହାର୍ପିଷ୍ଟ କ୍ୱିନେଥ୍ ୱେଣ୍ଟିଙ୍କଠାରୁ ସନ୍ଧ୍ୟାର ପରିବେଷଣ ଆରମ୍ଭ ହୋଇଥିଲା। ହାର୍ପ ବାଦ୍ୟଯନ୍ତ୍ରରୁ ସେ ସୁନ୍ଦର ଧ୍ୱନି ସୃଷ୍ଟି କରିଥିଲେ। ଓଜାସ୍ ଆଧିୟାଙ୍କ ଶାସ୍ତ୍ରୀୟ ତବଲା ବାଦନ ସହ ଜର୍ଜ ବ୍ରୁକ୍ସଙ୍କ ସାକ୍ସୋଫୋନ୍‌ରୁ ନିଃସୃତ ଶବ୍ଦ ବେଶ୍ ଆକର୍ଷଣୀୟ ଥିଲା। ବ୍ରୁକ୍ସଙ୍କ ପରିବେଷଣରେ ଦର୍ଶକଙ୍କ ମଧ୍ୟରେ ଶିହରଣ ଖେଳି ଉଠିଥିଲା। ଲୁଇସ୍ ବ୍ୟାଙ୍କସ୍ ନିଆରା ଢଙ୍ଗରେ ପିଆନୋ ଓ କିବୋର୍ଡ ଉପସ୍ଥାପନ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ବିଶିଷ୍ଟ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ। ତାଙ୍କ ସହ ତବଲା ଓ ଶବ୍ଦ ବାଦନରେ ତଫିକ୍ କ୍ୟୁରେସିଙ୍କ ବାଦନ ବେଶ୍ ମନମୁଗ୍ଧକର ଥିଲା। ସେ ତବଲା ସହ ଗଳା ଓ ଶରୀରରୁ ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟି କରିଥିଲେ। ଏହାକୁ ଉପସ୍ଥିତ ଦର୍ଶକ ମନ ଭରି ଉପଭୋଗ କରିବା ସହ କରତାଳି ମାରି ତାଙ୍କୁ ଅଧିକ ଉତ୍ସାହିତ କରିଥିଲେ। ଦର୍ଶକଙ୍କ କରତାଳି ସହ ତଫିକ୍‌ଙ୍କ ବାଦନ ଏକ ଅଦ୍ଭୁତ ସଂଯୋଗ ସୃଷ୍ଟି କରିଥିଲା। ପଣ୍ଡିତ ଚୌରାସିଆ ତାଙ୍କ ବଂଶୀ ସ୍ୱରରେ ରାଗ ୟମନ୍ ସହ ଜଗନ୍ନାଥ ଧ୍ୱନି ପରିବେଷଣ କରିଥିଲେ। ତାଙ୍କ ସହ ଯୁଗଳବନ୍ଦୀ କରିଥିଲେ ତଫିକ୍। ଶେଷରେ ଏହି ୬ କଳାକାର ମିଶି ଏକ ଭିନ୍ନ ବାଦ୍ୟଶୈଳୀରେ ଫାୟାର ପରିବେଷଣ କରିଥିଲେ। ଗାୟିକା ନାଜିଆ ଆଲାମ୍ ଏହି ଅବସରରେ ସାଙ୍ଗରେ ଅଧିର ନୀଳ ତରଙ୍ଗ..ଆକାଶ କଜ୍ୱଳ ମେଘର ରଙ୍ଗ.. ପରିବେଷଣ କରିଥିଲେ। ପରେ ଏହି ୬ କଳାକାର ମଞ୍ଚରୁ ବିଦାୟ ନେଇଥିଲେ।


ସୁସ୍ମିତା ଦାସ ଏବଂ ବିଶ୍ୱଜିତ ସଙ୍ଗୀତ ପରିବେଷଣ କରୁଛନ୍ତି।


ତଫିକ୍ କ୍ୟୁରେସି


ଜର୍ଜ ବ୍ରୁକ୍ସ


ହରିପ୍ରସାଦ ଚୌରାସିଆ

## ଶିବସ୍ତୁତିରୁ ଆରମ୍ଭହେଲା ସଙ୍ଗୀତ ମୂର୍ଚ୍ଛନା

ବାଦ୍ୟଯନ୍ତ୍ରର ଅପୂର୍ବ ଅନୁଭୂତି ପରେ ଲୋକ ସଙ୍ଗୀତ ଓ ଆଦିବାସୀ ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ଓଡ଼ିଆ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ବିଶ୍ୱଜିତ୍। ଶିବଙ୍କୁ ଆରାଧନା କରି ଶିବସ୍ତୁତିରୁ ତାଙ୍କ ପରିବେଷଣ ଆରମ୍ଭ କରିଥିଲେ ସୁସ୍ମିତା। ଲକ୍ଷେ ଥର ହଁ ତୋ ସାଥେ.. ଲକ୍ଷେ ଥର କଟି..., ଅଙ୍କାବଙ୍କା ବାଟେ ଆଜି ମନ ହଜିଲା.., ସମୁଦି ଗୋ.. ଆଦି ସଙ୍ଗୀତ ସେ ପରିବେଷଣ କରିଥିଲେ। ସେହିପରି ବିଶ୍ୱଜିତ୍ ବାଜୁଛେ ମାଦଲ..ମନର କଥା ଶୁନିଜା.., ଏ ନନୀ ବିହାରୀ ପାନି କାଏ ମନ୍ତର କଲା.., ଏଡିକି ଟିକେ ଗଉଡ଼ ପିଲା.. କେଡେ କରମ କଲା.., ଶୀତ ଫେରିଲା ଶୀତ ଧରିରେ ନାଗର ଉପସ୍ଥାପିତ କରିଥିଲେ। ଏଥିସହ ଉଭୟ ମିଶି ଲୋକପ୍ରିୟ ଓଡ଼ିଆ ସଙ୍ଗୀତ ରଙ୍ଗବତୀ ପରିବେଷଣ କରିଥିଲେ। ଏହି ଅବସରରେ ମେୟର ସୁଲୋଚନା ଦାସ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲାମ ପରିଚାଳନା କରିଥିଲେ।


ଓଜାସ୍ ଆଧିୟା


ଲୁଇସ୍ ବ୍ୟାଙ୍କସ୍


କ୍ୱିନେଥ୍ ୱେଣ୍ଟି

## ଡାକ୍ତରଙ୍କୁ ଆକ୍ରମଣ, ଅପହରଣ ଉଦ୍ୟମ

**କଟଣୀ,୧୯।୧(ଡି.ଏନ୍.ଏ.):** କଟଣୀ ଥାନା କୁଦିଆରୀ ରେଲୱେ ଅଣ୍ଡରପାସ୍ ଠାରେ ଗୁରୁବାର ଜଣେ ଡାକ୍ତରଙ୍କୁ ଆକ୍ରମଣ ସହ ଅପହରଣ ଉଦ୍ୟମ କରାଯାଇଛି। ଆହତ ଡା.ସାବରମଲ ଅଗ୍ରୱାଲ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସବୁଦିନ ପରି ସାବରମଲ ସନ୍ଧ୍ୟାରେ କ୍ଲିନିକରୁ ବାଇକରେ ଘରକୁ ଫେରୁଥିଲେ। କୁଦିଆରୀ ରେଲୱେ ଅଣ୍ଡରପାସ୍ ଠାରେ ତାଙ୍କୁ ତିନିଜଣ ଦୁର୍ବୃତ୍ତ ଅଟକାଇ ଆକ୍ରମଣ କରିଥିଲେ। ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଜବରଦସ୍ତ ଗାଡ଼ିରେ ବସାଇ ଅପହରଣ ପାଇଁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ।

## ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଶକୁଲ୍ ଶେଖ୍ ଏବଂ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମୁସ୍‌ଲିମ୍ ବସ୍ତିରେ ରହୁଥିବା ପଶ୍ଚିମବଙ୍ଗ ହାୱଡ଼ା ଜିଲାର ଅବଦୁଲ ସୁଲେମାନ୍। ସେମନଙ୍କ ନିକଟରୁ ୩୨ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ, ୨ହଜାର ଟଙ୍କା ଓ ଗୋଟିଏ ସ୍କୁଟି ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କେଶୁରା ଅନ୍ତର୍ଗତ ବି.ବି.ନଗରସ୍ଥିତ ବନ୍ଧବଢ଼େଇ ଠାକୁରାଣୀ ମଣ୍ଡପ ନିକଟରେ ବୁଧବାର ସନ୍ଧ୍ୟାରେ ବ୍ରାଉନସୁଗାର କାରବାର କରୁଥିବା ସୂଚନା ମିଳିବା ପରେ ପୋଲିସ ଟିମ୍ ଚଢ଼ାଉ କରି ଉକ୍ତ ଦୁଇଜଣଙ୍କୁ କାବୁ କରିଥିଲା। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୭/୨୩) ରୁଜୁ କରାଯାଇଛି।

## ଓଡ଼ିଶାରେ ପହଞ୍ଚିଲା ହିନ୍ଦୁ ରାଷ୍ଟ୍ର ସଂକଳ୍ପ ଯାତ୍ରା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦାବିରେ ଉତ୍ତର ପ୍ରଦେଶର ପ୍ରୟାଗରାଜରୁ ବାହାରିଥିବା ହିନ୍ଦୁ ରାଷ୍ଟ୍ର ସଂକଳ୍ପ ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରି ଓଡ଼ିଶାରେ ପହଞ୍ଚିଛି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ପରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଏହି ଯାତ୍ରାରେ ଅଧିକରୁ ହିନ୍ଦୁ ଭଉଣୀ ଭାଇ ଯୋଡ଼ି ହେବା ପାଇଁ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ସତ୍ୟେନ୍ଦ୍ର ଦୁବେ ଆହ୍ୱାନ ଦେଇଛନ୍ତି। ଫେବୃୟାରୀ ୨୦ ତାରିଖରୁ ହିନ୍ଦୁ ରାଷ୍ଟ୍ର ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ କହିଛନ୍ତି। ଏହି ସଂକଳ୍ପ ଯାତ୍ରାରେ ଆଲ୍ଲାହାବାଦ ହାଇକୋର୍ଟର ଆଡଭୋକେଟ ଜିତେନ୍ଦ୍ର କୁମାର ମିଶ୍ର ଆଇନଗତ ଦୃଷ୍ଟିରୁ ହିନ୍ଦୁ ରାଷ୍ଟ୍ରର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଦିନ ଗୋହତ୍ୟା ପାଇଁ ହଜାର ହଜାର ସଂଖ୍ୟାରେ ଅବାଧ ଗୋରୁ ଚାଲାଣ କରାଯାଉଥିବା ଦର୍ଶାଇ ସଙ୍ଗଠନର ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଅବୈଧ ଅନୁପ୍ରବେଶକାରୀଙ୍କ ରାଜନୈତିକ ଥଇଥାନ ଦେଶରେ ସନାତନ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ବିପଦ ସୃଷ୍ଟି କରିଥିବା ସଙ୍ଗଠନର ନୋଡାଲ ଅଧିକାରୀ ବ୍ରହ୍ମାନନ୍ଦ ସାହୁ କହିଛନ୍ତି। ଯାତ୍ରାରେ ସ୍ୱାମୀ ବିଶେଷ ଚୈତନ୍ୟ ମହାରାଜ, ଆଡଭୋକେଟ୍ ବସନ୍ତ କୁମାର ବରାଳ, ଆଡଭୋକେଟ୍ ସୂର୍ଯ୍ୟନାରାୟଣ ପ୍ରଧାନ, ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଙ୍ଗୀତା ଗୋସାଇଁଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'



ଡ. ସଙ୍ଗୀତା ଗୋସାଇଁଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ପ୍ରଣବ ସଙ୍ଗୀତ ଓ ସମ୍ବର୍ଦ୍ଧନାର ସ୍ୱତନ୍ତ୍ର ଅର୍ଘ୍ୟ 'ପ୍ରଣବ ପ୍ରଣାମ' ଗୁରୁବାର ସଂଭାବନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡ. ସଙ୍ଗୀତା ଗୋସାଇଁଙ୍କୁ ପଞ୍ଚଦଶ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଛି। ପ୍ରଣବ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ଷୋଡ଼ଶ ବର୍ଷରେ ପହଞ୍ଚିଥିବା ଏହି କାର୍ଯ୍ୟକ୍ରମ ସଂଭାବନାର ତ୍ରୁଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିଲା। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଜୀବନର ଜୟଯାତ୍ରା ସମ୍ପର୍କରେ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଉପସ୍ଥାପନା କରିଥିଲେ। ଏହାପରେ ଛନ୍ଦା ମିଶ୍ରଙ୍କ ସ୍ୱରରେ ଅଶାନ୍ତ ଗ୍ରହ ଚଳଚ୍ଚିତ୍ରର ସଙ୍ଗୀତ 'ମୁଁ ଯେ ଅମୃତ ସାଗର ବିନ୍ଦୁ'ରୁ ଆରମ୍ଭ ହୋଇଥିଲା ସଙ୍ଗୀତ ସନ୍ଧ୍ୟା। ପରେ ପରେ କଣ୍ଠଶିଳ୍ପୀ ମହାପ୍ରସାଦ କରଙ୍କ ସ୍ୱରରେ 'କେଉଁ ନାମ ଧରି' ଗୀତ ଶୁଣି ମନ୍ତ୍ର ମୁଗ୍ଧ ହୋଇଥିଲେ ଦର୍ଶକ। ସିଦ୍ଧାନ୍ତ ଶତପଥୀ 'ସୀମାହୀନ ଦରିଆ', 'ଏଇ ଜୀବନଟା ଏକ ନାଟକ', 'ଝୁମି ଝୁମି ନିଶାରେ' ପରିବେଷଣ କରିଥିଲେ। ଅର୍ଣ୍ଣବ 'ଉର୍ମି ଅଧିରା', 'ହାଏ ସେ ହରିଣୀ ଆଖି' ଏବଂ ଅନେକ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଣବଙ୍କ ସହଧର୍ମିଣୀ କସ୍ତୁରିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଜା ଉକ୍ତ କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ।

# ଏଥର ହୋଇପାରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଆସନ୍ତା ମାଘସପ୍ତମୀଠାରୁ ଖଣ୍ଡଗିରିରେ କୁମ୍ଭମେଳା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ଗୋଟିଏ ଦିନରେ ପଡୁଥିବାରୁ ୨୮ ତାରିଖରେ ବାରଭୁଜା ପୀଠରେ ଏବଂ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞବିଧି ଆରମ୍ଭ ହେବ। ତେବେ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ୨୯ ତାରିଖଠାରୁ ମିନାବଜାର ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନୁମତି ମିଳିବ। ୩୦ ତାରିଖରୁ ୫ଟି ପେଣ୍ଡାଲରେ ଯାତ୍ରା ପାର୍ଟି ନାଟକ ପରିବେଷଣ କରିବେ। ଅନ୍ୟପଟେ ଦୀର୍ଘ ୫ବର୍ଷ ଧରି ବନ୍ଦ ରହିଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଚଳିତ ବର୍ଷ ୩ ଦିନ ପାଇଁ ଆୟୋଜନ ହେବ ବୋଲି ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ୨୮ରେ ବାରଭୁଜା ପୀଠରେ ପାରାୟଣ ପୂଜା ସହ ପରମ୍ପରା ମୁତାବକ ହୋମ ଯଜ୍ଞ ଆରମ୍ଭ ହେବ। ୯ଦିନ ଧରି ଏଠାରେ ରାମଚରିତ ମାନସ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନନ୍ତ ଗୁମ୍ଫା ନିକଟରେ ଅନୁଷ୍ଠିତ ହେବାକୁ ଥିବା ହୋମଯଜ୍ଞ ପାଇଁ ଜାଗମରା ବଡ଼ ପୋଖରୀକୁ କଳସଯାତ୍ରା କରାଯିବା ସହ ଧୂନି ସ୍ଥାପନ କରାଯିବ। ଅନ୍ୟପଟେ ଜାଗମରା ଗ୍ରାମର ଆରାଧ୍ୟ ଦେବତା ଅନନ୍ତ କେଶରୀ ଦେବ ଶୋଭାଯାତ୍ରାରେ ଉଦୟଗିରିସ୍ଥିତ ରାଣୀ ହଂସପୁର ଆସିବା ପରେ ଅନ୍ୟାନ୍ୟ ପୂଜା ବିଧି ଆଗେଇବ। ଭୋର ୪ଟାରୁ ମା' ବାରଭୁଜାଙ୍କ ନିକଟରେ ଖଣ୍ଡଖିରି ଭୋଗ କରାଯିବ। ଆଳତି ପରେ ପ୍ରାୟ ୪ହଜାର ଶ୍ରଦ୍ଧାଳୁଙ୍କୁ ଖଣ୍ଡଖିରି ପ୍ରସାଦ ବଣ୍ଟନ କରାଯିବ। ଗତ ୨ବର୍ଷ ଧରି କରୋନା କଟକଣା ମଧ୍ୟରେ ପୂଜା ବିଧି ଅନୁଷ୍ଠିତ ହୋଇଥିବାବେଳେ ଚଳିତ ବର୍ଷ ଦୈନିକ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଚଳିତବର୍ଷ କାଶୀ, ହରିଦ୍ୱାର ଆଦି ସ୍ଥାନରୁ ପ୍ରାୟ ୨୫ ଜଣ ନାଗାସାଧୁଙ୍କ ସମେତ ରାଜ୍ୟର ଶତାଧିକ ସାଧୁସନ୍ଥ ଯୋଗଦେବେ। ଫେବୃୟାରୀ ୪ରେ ସାଧୁ ସମ୍ମିଳନୀ ତଥା ଧର୍ମସଭାରେ ରାଜ୍ୟର ବିଭିନ୍ନ ଆଶ୍ରମରୁ ସନ୍ୟାସୀମାନେ ଯୋଗ ଦେଇ ଧାର୍ମିକ ତତ୍ତ୍ୱ ଉପରେ ଆଲୋଚନା କରିବେ। ଫେବୃୟାରୀ ୫ରେ ପୂର୍ଣ୍ଣାହୁତି ସହ ଅଗ୍ନିଉତ୍ସବ ଆୟୋଜନ ହେବ ବୋଲି ମା' ବାରଭୁଜା ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଡ. ହରେକୃଷ୍ଣ ମହତାବ ପଡ଼ିଆରେ ୨ଟି ଓ ଜାଗମରା କ୍ରିକେଟ ପଡ଼ିଆରେ ୩ଟି ଯାତ୍ରା ପେଣ୍ଡାଲର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇସାରିଛି। ଚଳିତବର୍ଷ ସେଣ୍ଟ ଜାଭିୟର୍ ହାଇସ୍କୁଲ ପାର୍ଶ୍ୱରେ ସ୍ଥାନ ଅଭାବରୁ ଅପେରା ପାର୍ଟି ପଡ଼ିବ ନାହିଁ। ସେହିପରି ଖଣ୍ଡଗିରିବାରିରେ ଯାତ୍ରାର ଆୟୋଜନ ପାଇଁ ଜାଗମରା ଯୁବକ ସଂଘ ପକ୍ଷରୁ ବିଏମ୍‌ସିକୁ ଅନୁମତି ମଗାଯାଇଛି। ଯଦି ଅନୁମତି ମିଳେ ତା'ହେଲେ ଦର୍ଶକ ଚଳିତ ବର୍ଷ ୬ଟି ପେଣ୍ଡାଲରେ ଯାତ୍ରା ଦେଖିବାର ସୁଯୋଗ ପାଇବେ।

ଅନ୍ୟପଟେ ଦୀର୍ଘବର୍ଷର ବ୍ୟବଧାନ ପରେ ମେଳାରେ ଲୋକେ ଖଣ୍ଡଗିରି-ଉଦୟଗିରି ମହୋତ୍ସବର ମଜା ନେବେ ବୋଲି ଆଲୋଚନା ହେଉଛି। ପୂର୍ବରୁ କାଲୁ ନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଖାରବେଳ ମହୋତ୍ସବ ଭାବେ ଏହି ଉତ୍ସବ ଆୟୋଜିତ ହେଉଥିଲା। ପରବର୍ତ୍ତୀ ସମୟରେ ସ୍ଥାନ ଅଭାବରୁ କାର୍ଯ୍ୟକ୍ରମ ଆୟୋଜନରେ ସମସ୍ୟା ଦେଖାଦେଇଥିଲା। ବର୍ତ୍ତମାନର ବିଜୁ ପଟ୍ଟନାୟକ ଶକ୍ତି ଉଦ୍ୟାନରେ ଗୋଟିଏ ବର୍ଷ ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏହାପରେ କରୋନା ମହାମାରୀ ପୂର୍ବରୁ ୨ ବର୍ଷ ପାଇଁ ବର୍ତ୍ତମାନର ଗାନ୍ଧୀ ଶାନ୍ତି କେନ୍ଦ୍ରଠାରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଏହାକୁ ଖାରବେଳ ମହୋତ୍ସବ ପରିବର୍ତ୍ତେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ନାମ ରଖାଯାଇଥିଲା। ସାରା ଦେଶର କଳାକାର ଏହି ମଞ୍ଚରେ ନୃତ୍ୟ ପରିବେଷଣ କରୁଥିବାବେଳେ ଦର୍ଶକଙ୍କ ଆଦୃତି ମିଳିଥିଲା। ତେବେ ଚଳିତ ବର୍ଷ ପୁଣି ଥରେ ଏହି ମହୋତ୍ସବର ଆୟୋଜନ ହେବ ବୋଲି ସୂଚନା ରହିଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇନାହିଁ।

**ଆସୁଛି ଖଣ୍ଡଗିରି ମାଘମେଳା**
- ୨୯ରୁ ମିନାବଜାର, ୩୦ରୁ ଯାତ୍ରା ପରିବେଷଣ
- ଫେବୃୟାରୀ ୪ରେ ସାଧୁ ସମ୍ମିଳନୀ, ଧର୍ମସଭା

**ଉତ୍‌ଫେଷ୍ଟର ୫ମ ସନ୍ଧ୍ୟା**

# ବାଦ୍ୟ ଝଙ୍କାରରେ ଝୁମିଲେ ଦର୍ଶକ

**ବାଦ୍ୟର ଝଙ୍କାର ମନକୁ କରେ ଉଲ୍ଲସିତ। ଦେହ ଓ ମନରେ ଏକ ନୀରବ ଶୀତଳତା ଭରିଥାଏ। ବିନା କୌଣସି ସଙ୍ଗୀତରେ ତବଲା, ବଂଶୀ, ପର୍‌କ୍ୟୁସିନ୍, କିବୋର୍ଡ, ସାକ୍ସୋଫୋନ୍, ହାର୍ପୋ ଆଦି ବାଦ୍ୟଯନ୍ତ୍ରରେ ପୂରି ଉଠିଥିଲା ଉତ୍‌ଫେଷ୍ଟର ୫ମ ସନ୍ଧ୍ୟା। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ଶିଳ୍ପୀମାନେ ସେମାନଙ୍କର ଚମତ୍କାର ପ୍ରଦର୍ଶନରେ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। ହକି ବିଶ୍ୱକପ୍ ପାଇଁ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଭୁବନେଶ୍ୱର ଲାଇଭ୍ କାର୍ଯ୍ୟକ୍ରମର ୫ମ ସନ୍ଧ୍ୟାରେ ଗୁରୁବାର ବାଦ୍ୟଝଙ୍କାର ସହ ଶାସ୍ତ୍ରୀୟ ସଙ୍ଗୀତର ଯାଦୁ ଦେଖିବାକୁ ମିଳିଥିଲା।**

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଅନ୍ତର୍ଜାତୀୟ ହାର୍ପିଷ୍ଟ କ୍ରିନେଥ୍ ୱେଷ୍ଟିଙ୍କଠାରୁ ସନ୍ଧ୍ୟାର ପରିବେଷଣ ଆରମ୍ଭ ହୋଇଥିଲା। ହାର୍ପ ବାଦ୍ୟଯନ୍ତ୍ରରୁ ସେ ସୁନ୍ଦର ଧ୍ୱନି ସୃଷ୍ଟି କରିଥିଲେ। ଓଜାସ୍ ଆଧିୟାଙ୍କ ଶାସ୍ତ୍ରୀୟ ତବଲା ବାଦନ ସହ ଜର୍ଜ ବ୍ରୁକ୍ସଙ୍କ ସାକ୍ସୋଫୋନ୍‌ରୁ ନିଃସୃତ ଶବ୍ଦ ବେଶ୍ ଆକର୍ଷଣୀୟ ଥିଲା। ବ୍ରୁକ୍ସଙ୍କ ପରିବେଷଣରେ ଦର୍ଶକଙ୍କ ମଧ୍ୟରେ ଶିହରଣ ଖେଳି ଉଠିଥିଲା। ଲୁଇସ୍ ବ୍ୟାଙ୍କସ୍ ନିଆରା ଢଙ୍ଗରେ ପିଆନୋ ଓ କିବୋର୍ଡ ଉପସ୍ଥାପନ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ବିଶିଷ୍ଟ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ। ତାଙ୍କ ସହ ତବଲା ଓ ଶବ୍ଦ ବାଦନରେ ତଫିକ୍ କ୍ୟୁରେସିଙ୍କ ବାଦନ ବେଶ୍ ମନମୁଗ୍ଧକର ଥିଲା। ସେ ତବଲା ସହ ଗଳା ଓ ଶରୀରରୁ ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟି କରିଥିଲେ। ଏହାକୁ ଉପସ୍ଥିତ ଦର୍ଶକ ମନ ଭରି ଉପଭୋଗ କରିବା ସହ କରତାଳି ମାରି ତାଙ୍କୁ ଅଧିକ ଉତ୍ସାହିତ କରିଥିଲେ। ଦର୍ଶକଙ୍କ କରତାଳି ସହ ତଫିକ୍‌ଙ୍କ ବାଦନ ଏକ ଅଦ୍ଭୁତ ସଂଯୋଗ ସୃଷ୍ଟି କରିଥିଲା। ପଣ୍ଡିତ ଚୌରାସିଆ ତାଙ୍କ ବଂଶୀ ସ୍ୱରରେ ରାଗ ୟମନ୍ ସହ ଜଗନ୍ନାଥ ଧ୍ୱନି ପରିବେଷଣ କରିଥିଲେ। ତାଙ୍କ ସହ ଯୁଗଳବନ୍ଦୀ କରିଥିଲେ ତଫିକ୍। ଶେଷରେ ଏହି ୬ କଳାକାର ମିଶି ଏକ ଭିନ୍ନ ବାଦ୍ୟଶୈଳୀରେ ଫାୟାର ପରିବେଷଣ କରିଥିଲେ। ଗାୟିକା ନାଜିଆ ଆଲାମ୍ ଏହି ଅବସରରେ ସାଙ୍ଗରେ ଅଧିର ନୀଳ ତରଙ୍ଗ..ଆକାଶ କଜ୍ୱଳ ମେଘର ରଙ୍ଗ.. ପରିବେଷଣ କରିଥିଲେ। ପରେ ଏହି ୬ କଳାକାର ମଞ୍ଚରୁ ବିଦାୟ ନେଇଥିଲେ।



ସୁସ୍ମିତା ଦାସ ଏବଂ ବିଶ୍ୱଜିତ ସଙ୍ଗୀତ ପରିବେଷଣ କରୁଛନ୍ତି।



ତଫିକ୍ କ୍ୟୁରେସି



ଜର୍ଜ ବ୍ରୁକ୍ସ

## ଶିବସ୍ତୁତିରୁ ଆରମ୍ଭହେଲା ସଙ୍ଗୀତ ମୂର୍ଚ୍ଛନା

ବାଦ୍ୟଯନ୍ତ୍ରର ଅପୂର୍ବ ଅନୁଭୂତି ପରେ ଲୋକ ସଙ୍ଗୀତ ଓ ଆଦିବାସୀ ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ଓଡ଼ିଆ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ବିଶ୍ୱଜିତ୍। ଶିବଙ୍କୁ ଆରାଧନା କରି ଶିବସ୍ତୁତିରୁ ତାଙ୍କ ପରିବେଷଣ ଆରମ୍ଭ କରିଥିଲେ ସୁସ୍ମିତା। ଲକ୍ଷେ ଥର ହଁ ତୋ ସାଥେ.. ଲକ୍ଷେ ଥର କଟି..., ଅଙ୍କାବଙ୍କା ବାଟେ ଆଜି ମନ ହଜିଲା.., ସମୁଦି ଗୋ.. ଆଦି ସଙ୍ଗୀତ ସେ ପରିବେଷଣ କରିଥିଲେ। ସେହିପରି ବିଶ୍ୱଜିତ୍ ବାଜୁଛେ ମାଦଲ..ମନର କଥା ଶୁନିଜା.., ଏ ନନୀ ବିହାରୀ ପାନି କାଏ ମନ୍ତର କଲା.., ଏଡିକି ଟିକେ ଗଉଡ଼ ପିଲା.. କେଡେ କରମ କଲା.., ଶୀତ ଫେରିଲା ଶୀତ ଧରିରେ ନାଗର ଉପସ୍ଥାପିତ କରିଥିଲେ। ଏଥିସହ ଉଭୟ ମିଶି ଲୋକପ୍ରିୟ ଓଡ଼ିଆ ସଙ୍ଗୀତ ରଙ୍ଗବତୀ ପରିବେଷଣ କରିଥିଲେ। ଏହି ଅବସରରେ ମେୟର ସୁଲୋଚନା ଦାସ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲାମ ପରିଚାଳନା କରିଥିଲେ।



ହରିପ୍ରସାଦ ଚୌରାସିଆ



ଓଜାସ୍ ଆଧିୟା



ଲୁଇସ୍ ବ୍ୟାଙ୍କସ୍



କ୍ରିନେଥ୍ ୱେଷ୍ଟି

## ସୋମଣା ଶାସନ ସେବା ସମବାୟ ସମିତି ବାର୍ଷିକୋତ୍ସବ

**ବାଲିପାଟଣା,୧୯।୧(ଡି.ଏନ୍.ଏ.)**

ସୋମଣା ଶାସନ ସେବା ସମବାୟ ସମିତିର ୬୫ ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସମିତି ସଭାପତି ସବିତା ନାୟକଙ୍କ ସଭାପତିତ୍ୱରେ ସମିତିର ସଭ୍ୟ ବିନେଷ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଚିନ୍ମୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହିତ ଉପସ୍ଥିତ ଚାଷୀଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭ୍ୟ ବିପିନ କୁମାର ପାତ୍ର ଯୋଗଦେଇ ସମିତିର ସଭ୍ୟ ଓ ସଭ୍ୟାମାନେ ଠିକ୍ ଭାବେ କାର୍ଯ୍ୟ କଲେ ସମିତିର ଉନ୍ନତି ହେବ ବୋଲି କହିଥିଲେ।

## ସଙ୍ଗୀତା ଗୋସାଇଁଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'




ଡ. ସଙ୍ଗୀତା ଗୋସାଇଁଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ପ୍ରଣବ ସଙ୍ଗୀତ ଓ ସମ୍ବର୍ଦ୍ଧନାର ସ୍ୱତନ୍ତ୍ର ଅର୍ଘ୍ୟ 'ପ୍ରଣବ ପ୍ରଣାମ' ଗୁରୁବାର ସଂଭାବନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡ. ସଙ୍ଗୀତା ଗୋସାଇଁଙ୍କୁ ପଞ୍ଚଦଶ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଛି। ପ୍ରଣବ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ଷୋଡ଼ଶ ବର୍ଷରେ ପହଞ୍ଚିଥିବା ଏହି କାର୍ଯ୍ୟକ୍ରମ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିଲା। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଜୀବନର ଜୟଯାତ୍ରା ସମ୍ପର୍କରେ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଉପସ୍ଥାପନା କରିଥିଲେ। ଏହାପରେ ଛନ୍ଦା ମିଶ୍ରଙ୍କ ସ୍ୱରରେ ଅଶାନ୍ତ ଗ୍ରହ ଚଳଚ୍ଚିତ୍ରର ସଙ୍ଗୀତ 'ମୁଁ ଯେ ଅମୃତ ସାଗର ବିନ୍ଦୁ'ରୁ ଆରମ୍ଭ ହୋଇଥିଲା ସଙ୍ଗୀତ ସନ୍ଧ୍ୟା। ପରେ ପରେ କଣ୍ଠଶିଳ୍ପୀ ମହାପ୍ରସାଦ କରଙ୍କ ସ୍ୱରରେ 'କେଉଁ ନାମ ଧରି' ଗୀତ ଶୁଣି ମନ୍ତ୍ର ମୁଗ୍ଧ ହୋଇଥିଲେ ଦର୍ଶକ। ସିଦ୍ଧାନ୍ତ ଶତପଥୀ 'ସୀମାହୀନ ଦରିଆ', 'ଏଇ ଜୀବନଟା ଏକ ନାଟକ', 'ଝୁମି ଝୁମି ନିଶାରେ' ପରିବେଷଣ କରିଥିଲେ। ଅର୍ଣ୍ଣବ 'ଉର୍ମି ଅଧିରା', 'ହାଏ ସେ ହରିଣୀ ଆଖି' ଏବଂ ଅନେକ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଣବଙ୍କ ସହଧର୍ମିଣୀ କସ୍ତୁରିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଦେବ ପ୍ରସାଦ ପରିଜା ଉକ୍ତ କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ।

## ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଶକୁଲ୍ ଶେଖ୍ ଏବଂ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମୁସ୍‌ଲିମ୍ ବସ୍ତିରେ ରହୁଥିବା ପଶ୍ଚିମବଙ୍ଗ ହାୱଡ଼ା ଜିଲାର ଅବଦୁଲ ସୁଲେମାନ୍। ସେମାନଙ୍କ ନିକଟରୁ ୩୨ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ, ୨ହଜାର ଟଙ୍କା ଓ ଗୋଟିଏ ସ୍କୁଟି ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କେଶୁରା ଅନ୍ତର୍ଗତ ବି.ବି.ନଗରସ୍ଥିତ ବନ୍ଧବଢ଼େଇ ଠାକୁରାଣୀ ମଣ୍ଡପ ନିକଟରେ ବୁଧବାର ସନ୍ଧ୍ୟାରେ ବ୍ରାଉନସୁଗାର କାରବାର କରୁଥିବା ସୂଚନା ମିଳିବା ପରେ ପୋଲିସ ଟିମ୍ ଚଢ଼ାଉ କରି ଉକ୍ତ ଦୁଇଜଣଙ୍କୁ କାବୁ କରିଥିଲା। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୭/୨୩) ରୁଜୁ କରାଯାଇଛି।

## ଓଡ଼ିଶାରେ ପହଞ୍ଚିଲା ହିନ୍ଦୁ ରାଷ୍ଟ୍ର ସଂକଳ୍ପ ଯାତ୍ରା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦାବିରେ ଉତ୍ତର ପ୍ରଦେଶର ପ୍ରୟାଗରାଜରୁ ବାହାରିଥିବା ହିନ୍ଦୁ ରାଷ୍ଟ୍ର ସଂକଳ୍ପ ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରି ଓଡ଼ିଶାରେ ପହଞ୍ଚିଛି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ପରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଏହି ଯାତ୍ରାରେ ଅଧିକରୁ ହିନ୍ଦୁ ଭଉଣୀ ଭାଇ ଯୋଡ଼ି ହେବା ପାଇଁ ସଙ୍ଗଠନର ରାଷ୍ଟ୍ରୀୟ ଅଧକ୍ଷ ସତ୍ୟେନ୍ଦ୍ର ଦୁବେ ଆହ୍ୱାନ ଦେଇଛନ୍ତି। ଫେବୃୟାରୀ ୨୦ ତାରିଖରୁ ହିନ୍ଦୁ ରାଷ୍ଟ୍ର ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ କହିଛନ୍ତି। ଏହି ସଂକଳ୍ପ ଯାତ୍ରାରେ ଆଲ୍ଲାହାବାଦ ହାଇକୋର୍ଟର ଆଡଭୋକେଟ ଜିତେନ୍ଦ୍ର କୁମାର ମିଶ୍ର ଆଇନଗତ ଦୃଷ୍ଟିରୁ ହିନ୍ଦୁ ରାଷ୍ଟ୍ରର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଦିନ ଗୋହତ୍ୟା ପାଇଁ ହଜାର ହଜାର ସଂଖ୍ୟାରେ ଅବାଧ ଗୋରୁ ଚାଲାଣ କରାଯାଉଥିବା ଦର୍ଶାଇ ସଙ୍ଗଠନର ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଅବୈଧ ଅନୁପ୍ରବେଶକାରୀଙ୍କ ରାଜନୈତିକ ଥଇଥାନ ଦେଶରେ ସନାତନ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ବିପଦ ସୃଷ୍ଟି କରିଥିବା ସଙ୍ଗଠନର ନୋଡାଲ ଅଧିକାରୀ ବ୍ରହ୍ମାନନ୍ଦ ସାହୁ କହିଛନ୍ତି। ଯାତ୍ରାରେ ସ୍ୱାମୀ ବିଶେଷ ଚୈତନ୍ୟ ମହାରାଜ, ଆଡଭୋକେଟ୍ ବସନ୍ତ କୁମାର ବରାଳ, ଆଡଭୋକେଟ୍ ସୂର୍ଯ୍ୟନାରାୟଣ ପ୍ରଧାନ, ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।




ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଏଥର ହୋଇପାରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

**ଆସୁଛି ଖଣ୍ଡଗିରି ମାଘମେଳା**

- ୨୯ରୁ ମିନାବଜାର, ୩୦ରୁ ଯାତ୍ରା ପରିବେଷଣ
- ଫେବୃୟାରୀ ୪ରେ ସାଧୁ ସମ୍ମିଳନୀ, ଧର୍ମସଭା

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ଆସନ୍ତା ମାଘସପ୍ତମୀଠାରୁ ଖଣ୍ଡଗିରିରେ କୁମ୍ଭମେଳା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ଗୋଟିଏ ଦିନରେ ପଡୁଥିବାରୁ ୨୮ ତାରିଖରେ ବାରଭୁଜା ପୀଠରେ ଏବଂ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞବିଧି ଆରମ୍ଭ ହେବ। ତେବେ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ୨୯ ତାରିଖଠାରୁ ମିନାବଜାର ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଅନୁମତି ମିଳିବ। ୩୦ ତାରିଖରୁ ୫ଟି ପେଣ୍ଡାଲରେ ଯାତ୍ରା ପାର୍ଟି ନାଟକ ପରିବେଷଣ କରିବେ। ଅନ୍ୟପଟେ ଦୀର୍ଘ ୫ବର୍ଷ ଧରି ବନ୍ଦ ରହିଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଚଳିତ ବର୍ଷ ୩ ଦିନ ପାଇଁ ଆୟୋଜନ ହେବ ବୋଲି ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ୨୮ରେ ବାରଭୁଜା ପୀଠରେ ପାରାୟଣ ପୂଜା ସହ ପରମ୍ପରା ମୁତାବକ ହୋମ ଯଜ୍ଞ ଆରମ୍ଭ ହେବ। ୯ଦିନ ଧରି ଏଠାରେ ରାମଚରିତ ମାନସ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନନ୍ତ ଗୁମ୍ଫା ନିକଟରେ ଅନୁଷ୍ଠିତ ହେବାକୁ ଥିବା ହୋମଯଜ୍ଞ ପାଇଁ ଜାଗମରା ବଡ଼ ପୋଖରୀକୁ କଳସଯାତ୍ରା କରାଯିବା ସହ ଧୂନି ସ୍ଥାପନ କରାଯିବ। ଅନ୍ୟପଟେ ଜାଗମରା ଗ୍ରାମର ଆରାଧ୍ୟ ଦେବତା ଅନନ୍ତ କେଶରୀ ଦେବ ଶୋଭାଯାତ୍ରାରେ ଉଦୟଗିରିସ୍ଥିତ ରାଣୀ ହଂସପୁର ଆସିବା ପରେ ଅନ୍ୟାନ୍ୟ ପୂଜା ବିଧି ଆଗେଇବ। ଭୋର ୪ଟାରୁ ମା' ବାରଭୁଜାଙ୍କ ନିକଟରେ ଖଣ୍ଡଖିରି ଭୋଗ କରାଯିବ। ଆଳତି ପରେ ପ୍ରାୟ ୪ହଜାର ଶ୍ରଦ୍ଧାଳୁଙ୍କୁ ଖଣ୍ଡଖିରି ପ୍ରସାଦ ବଣ୍ଟନ କରାଯିବ। ଗତ ୨ବର୍ଷ ଧରି କରୋନା କଟକଣା ମଧ୍ୟରେ ପୂଜା ବିଧି ଅନୁଷ୍ଠିତ ହୋଇଥିବାବେଳେ ଚଳିତ ବର୍ଷ ଦୈନିକ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଚଳିତବର୍ଷ କାଶୀ, ହରିଦ୍ୱାର ଆଦି ସ୍ଥାନରୁ ପ୍ରାୟ ୨୫ ଜଣ ନାଗାସାଧୁଙ୍କ ସମେତ ରାଜ୍ୟର ଶତାଧିକ ସାଧୁସନ୍ଥ ଯୋଗଦେବେ। ଫେବୃୟାରୀ ୪ରେ ସାଧୁ ସମ୍ମିଳନୀ ତଥା ଧର୍ମସଭାରେ ରାଜ୍ୟର ବିଭିନ୍ନ ଆଶ୍ରମରୁ ସନ୍ନ୍ୟାସୀମାନେ ଯୋଗ ଦେଇ ଧାର୍ମିକ ତତ୍ତ୍ୱ ଉପରେ ଆଲୋଚନା କରିବେ। ଫେବୃୟାରୀ ୫ରେ ପୂର୍ଣ୍ଣାହୁତି ସହ ଅଗ୍ନିଉତ୍ସବ ଆୟୋଜନ ହେବ ବୋଲି ମା' ବାରଭୁଜା ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଡ. ହରେକୃଷ୍ଣ ମହତାବ ପଡ଼ିଆରେ ୨ଟି ଓ ଜାଗମରା କ୍ରିକେଟ ପଡ଼ିଆରେ ୩ଟି ଯାତ୍ରା ପେଣ୍ଡାଲର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇସାରିଛି। ଚଳିତବର୍ଷ ସେଣ୍ଟ ଜାଭିୟର୍ ହାଇସ୍କୁଲ ପାର୍ଶ୍ୱରେ ସ୍ଥାନ ଅଭାବରୁ ଅପେରା ପାର୍ଟି ପଡ଼ିବ ନାହିଁ। ସେହିପରି ଖଣ୍ଡଗିରିବାରିରେ ଯାତ୍ରାର ଆୟୋଜନ ପାଇଁ ଜାଗମରା ଯୁବକ ସଂଘ ପକ୍ଷରୁ ବିଏମ୍‌ସିକୁ ଅନୁମତି ମଗାଯାଇଛି। ଯଦି ଅନୁମତି ମିଳେ ତା'ହେଲେ ଦର୍ଶକ ଚଳିତ ବର୍ଷ ୬ଟି ପେଣ୍ଡାଲରେ ଯାତ୍ରା ଦେଖିବାର ସୁଯୋଗ ପାଇବେ।

ଅନ୍ୟପଟେ ଦୀର୍ଘବର୍ଷର ବ୍ୟବଧାନ ପରେ ମେଳାରେ ଲୋକେ ଖଣ୍ଡଗିରି-ଉଦୟଗିରି ମହୋତ୍ସବର ମଜା ନେବେ ବୋଲି ଆଲୋଚନା ହେଉଛି। ପୂର୍ବରୁ କାଳୁ ନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଖାରବେଳ ମହୋତ୍ସବ ଭାବେ ଏହି ଉତ୍ସବ ଆୟୋଜିତ ହେଉଥିଲା। ପରବର୍ତ୍ତୀ ସମୟରେ ସ୍ଥାନ ଅଭାବରୁ କାର୍ଯ୍ୟକ୍ରମ ଆୟୋଜନରେ ସମସ୍ୟା ଦେଖାଦେଇଥିଲା। ବର୍ତ୍ତମାନର ବିଜୁ ପଟ୍ଟନାୟକ ଶକ୍ତି ଉଦ୍ୟାନରେ ଗୋଟିଏ ବର୍ଷ ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏହାପରେ କରୋନା ମହାମାରୀ ପୂର୍ବରୁ ୨ ବର୍ଷ ପାଇଁ ବର୍ତ୍ତମାନର ଗାନ୍ଧୀ ଶାନ୍ତି କେନ୍ଦ୍ରଠାରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଏହାକୁ ଖାରବେଳ ମହୋତ୍ସବ ପରିବର୍ତ୍ତେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ନାମ ରଖାଯାଇଥିଲା। ସାରା ଦେଶର କଳାକାର ଏହି ମଞ୍ଚରେ ନୃତ୍ୟ ପରିବେଷଣ କରୁଥିବାବେଳେ ଦର୍ଶକଙ୍କ ଆଦୃତି ମିଳିଥିଲା। ତେବେ ଚଳିତ ବର୍ଷ ପୁଣି ଥରେ ଏହି ମହୋତ୍ସବର ଆୟୋଜନ ହେବ ବୋଲି ସୂଚନା ରହିଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇନାହିଁ।

## ଆଜି କ'ଣ କେଉଁଠି

**କଟକ**

- ଆଇଏମ୍‌ଆଇର ବାର୍ଷିକ ସମ୍ମିଳନୀ, ଶାରଳା ଭବନ, ପୂର୍ବାହ୍ନ ୯ଟା।

**ତିଗିରିଆ**

- ଗଦାଧରପୁର ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ, ସମିତି ପରିସର, ପୂର୍ବାହ୍ନ ୧୧ଟା।
- ପ୍ରସନ୍ନ ପୁରୁଷୋତ୍ତମ ଦେବ କଲେଜର ବାର୍ଷିକ ଉତ୍ସବ, କଲେଜ ପରିସର, ଅପରାହ୍ନ ୧ଟା ୩୦।

## ଗଣେଶ ମନ୍ଦିରର ବାର୍ଷିକ ଉତ୍ସବ

**ଚୌଦ୍ୱାର,୧୯।୧(ଡି.ଏନ୍.ଏ.):** ମଧୁରକୁଲ ସମାଜର ଇଷ୍ଟଦେବ ଶ୍ରୀଗଣେଶ ମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ କଳସ ସ୍ଥାପନ, ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ଚୌଦ୍ୱାର ମଧୁରକୁଳ ସମାଜ ସଭାପତି ଉଦୟନାଥ ସାହୁଙ୍କ ପୌରୋହିତ୍ୟରେ ବଡ଼ବଜାରସ୍ଥିତ ସତ୍ୟ ନାରାୟଣ ପାଲା ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଅଜୟ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଭରତ ଚନ୍ଦ୍ର ସାହୁ ଓ ପ୍ରଭାକର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଲୋକନାଥ ସାହୁ, ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ୟବସାୟୀଙ୍କ ପରଲୋକ

**ମଙ୍ଗୁଳି-ଜଗତପୁର,୧୯।୧(ଡି.ଏନ.ଏ.):** ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକ ନିକଟରେ ଜଣେ ବ୍ୟବସାୟୀଙ୍କ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ସାହିର ରଞ୍ଜନ କୁମାର ସ୍ୱାଇଁ (୪୫)। ପ୍ରତିଦିନ ଭଳି ବୁଧବାର ରାତିରେ ରଞ୍ଜନ ଦୋକାନରେ ଚା ପ୍ରସ୍ତୁତ କରି ଗ୍ରାହକଙ୍କୁ ଦେଉଥିବାବେଳେ ହଠାତ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ସେଠାରେ ଥିବା ଗ୍ରାହକ ଓ ପାଖ ଗ୍ୟାରେଜର ଦୁଇ ଜଣ ମିସ୍ତ୍ରୀ ରଞ୍ଜନଙ୍କୁ ତଳୁ ଉଠାଇବା ସହ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ବଡ଼ଭାଇ ନଟବର ସ୍ୱାଇଁ ପହଞ୍ଚି ରଞ୍ଜନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ମୁଣ୍ଡମାଳସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ଭାଇଙ୍କ ପୁଅ ନୀହାର ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

**ମଙ୍ଗୁଳି-ଜଗତପୁର,୧୯।୧(ଡି.ଏନ.ଏ.):** ଟାଙ୍ଗୀ ଥାନା ଅଧୀନ ନିର୍ଗୁଣ୍ଡି ଛକ ନିକଟରେ ଏକ କାର ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁର ଜିଲା ଝାଲପଡାର ମଧୁସୂଦନ ବେହେରା। ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ମଧୁସୂଦନ ସ୍କୁଟିରେ କଟକ ପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ ପଛରୁ କାରଟି ଧକ୍କା ଦେଇଥିଲା। ଫଳରେ ମଧୁସୂଦନ ରାସ୍ତାରେ ଛିଟିକି ପଡିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମଧୁସୂଦନଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।

# କାର୍ଯ୍ୟକ୍ଷମ ହୋଇପାରୁନି ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର

**କଟକ ଅଫିସ,୧୯।୧**

କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଦୀର୍ଘଦିନ ଧରି ବନ୍ଦ ରହିବା ଯୋଗୁ ଏହାର ଅଟ୍ଟାଳିକା ନଷ୍ଟ ହେବାକୁ ବସିଥିବାବେଳେ ଉପକରଣଗୁଡିକ ଖତ ଖାଉଛି। ତୁରନ୍ତ ଏହାର ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରାଗଲେ ପର୍ଯ୍ୟଟକଙ୍କ ସହ ରାଜ୍ୟବାସୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବିଷୟରେ ଅନେକ ତଥ୍ୟ ଜାଣିପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟକମାନେ ନେତାଜୀଙ୍କ ଜୀବନୀ ବିଷୟରେ ଜାଣିବା ଉଦ୍ଦେଶ୍ୟରେ ସଂଗ୍ରହାଳୟ ନିକଟରେ ୨୦୧୬ରେ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ



ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର।

ଏଥିପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏହା ଭିତରେ ଅଡିଟୋରିୟମ ହଲ୍ ବ୍ୟବସ୍ଥା ହୋଇଥିଲା। ଏହି ହଲ୍‌ରେ ୫୦ ସିଟ୍, ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ବକ୍ସ ଓ ପ୍ରୋଜେକ୍ଟର ଲଗାଯାଇଥିଲା। ଫଳରେ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ହଲ୍‌ରେ ବସି ଅଡିଓ ଭିଜୁଆଲ ମାଧ୍ୟମରେ ନେତାଜୀଙ୍କ ଜୀବନୀ ବିଷୟରେ ଜାଣିପାରିବେ। ଏଥିସହ ଗବେଷକମାନେ ନେତାଜୀଙ୍କ ଜୀବନୀ ସମ୍ପର୍କିତ ତଥ୍ୟ ହାସଲ କରିପାରିବେ। ଏଥିପାଇଁ ସବୁ ବ୍ୟବସ୍ଥା ସରିଥିଲେ ମଧ୍ୟ କୌଣସି କାରଣବଶତଃ ତାହାକୁ ଉଦ୍‌ଘାଟନ କରାଯାଇପାରି ନାହିଁ। ଦୀର୍ଘଦିନ ଧରି ଏହି ସାମଗ୍ରୀ ବ୍ୟବହାର ନ ହେବାରୁ ତାହା ନଷ୍ଟ ହୋଇଯାଇଥିଲା। ୨୦୧୮ରେ ଓଟିଡିସି ପକ୍ଷରୁ ଏହାର ନବୀକରଣ କରାଯାଇ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଥିଲା। ହେଲେ

### ନିର୍ମାଣକୁ ୭ ବର୍ଷ ବିତିଲାଣି

ଟ୍ରଷ୍ଟ ପକ୍ଷରୁ ମଧ ଏହାକୁ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇ ନ ଥିଲା। ମୋଟାମୋଟି ଭାବେ ଉକ୍ତ କେନ୍ଦ୍ର ନିର୍ମାଣ ଓ ମରାମତି ବାବଦକୁ ପ୍ରାୟ ଅଢେଇ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି। ୨୦୧୯ରେ ଫନୀ ପ୍ରଭାବରେ ଏହାର ଫାଇବର୍ ଆଜବେଷ୍ଟସ ଭାଙ୍ଗିଯିବା ସହ ଭିତର ପ୍ଲାଏବୋର୍ଡ ସିଲିଂ ନଷ୍ଟ ହୋଇଯାଇଥିଲା। ଏଥିସହ ଲାଇଟ୍ ଆଣ୍ଡ୍ ସାଉଣ୍ଡ ବ୍ୟବସ୍ଥା ମଧ୍ୟ ଖରାପ ହୋଇଯାଇଛି। ଏ ସମ୍ପର୍କରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଅଧିକାରୀ ଜଳେନ୍ଦ୍ର ପ୍ରସାଦ ରାୟ କହିଛନ୍ତି, ବ୍ୟାଖ୍ୟାନ କେନ୍ଦ୍ରର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ନୂତନ ଯୋଜନାରେ ଏହାକୁ କାର୍ଯ୍ୟକ୍ଷମ କରାଯିବ।

# ସିଏମ୍‌ସି ଯନ୍ତ୍ରୀ ବିଭାଗ ଆବଶ୍ୟକତାକୁ ନେଇ ପ୍ରଶ୍ନବାଚୀ

**କଟସ ଅଫିସ,୧୯।୧**

### ପବ୍ଲିକ ୱାର୍କ ଷ୍ଟାଣ୍ଡିଂ କମିଟି ବୈଠକ

କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱତନ୍ତ୍ର ଯନ୍ତ୍ରୀ ବିଭାଗ ରହିଛି । ସେଥିରେ ନିର୍ବାହୀ ଯନ୍ତ୍ରୀଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ସହରର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ପାଇଁ ଏହି ବିଭାଗ କାର୍ଯ୍ୟ କରିଥାଏ । ମାତ୍ର ସିଏମ୍‌ସି ନିକଟରେ ଉକ୍ତ ବିଭାଗ ଥାଇ ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରକାରୀ ସଂସ୍ଥାକୁ ଦିଆଯିବାକୁ ନେଇ ପବ୍ଲିକ ୱାର୍କ ଷ୍ଟାଣ୍ଡିଂ କମିଟି ବୈଠକରେ କର୍ପୋରେଟର ପ୍ରଶ୍ନ କରିଛନ୍ତି। ସିଏମ୍‌ସି ବିଜୁଭବନ ପରିସରରେ ପବ୍ଲିକ ୱାର୍କ ଷ୍ଟାଣ୍ଡିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ପୋରେଟରମାନେ ଯନ୍ତ୍ରୀମାନଙ୍କୁ ଘେରିଥିଲେ। ସହରରେ ୨ଟି ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍‌ଆଇସି)କୁ କାର୍ଯ୍ୟାଦେଶ ଦିଆଯାଇଛି। ଯଦି ଓଏସ୍‌ଆଇସି ଏହି କାର୍ଯ୍ୟ କରିବ, ତେବେ ସିଏମ୍‌ସି ଯନ୍ତ୍ରୀ ବିଭାଗ କ'ଣ କରିବ ବୋଲି ୫୦ ନଂ. ୱାର୍ଡ କର୍ପୋରେଟର ସନ୍ତୋଷ ଭୋଳ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ହୋହଲ୍ଲା ହୋଇଥିଲା। ସେହିପରି ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ୧୧ରୁ ୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସିଏମ୍‌ସି ପକ୍ଷରୁ ତଥ୍ୟ ଦିଆଯାଇଛି। ହେଲେ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି, କେଉଁ ୱାର୍ଡରେ କେଉଁ ଏଜେନ୍ସି କାର୍ଯ୍ୟ କରିଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ କୁହାଯାଇଥିଲା। ଏଥିସହ ବାଲିଯାତ୍ରା ଖର୍ଚ୍ଚ ନେଇ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ମିଳିବା ପରେ ବିଲ୍ କରାଯିବା ନେଇ କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ନିଆଯାଇଥିବାବେଳେ ୨ଟି ବିଲ୍ ରିଲିଜ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହାକୁ କର୍ପୋରେଟରମାନେ ବିରୋଧ କରିଥିଲେ। ତେବେ ବୈଠକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହୋହାଲ୍ଲା ଦେଖିବାକୁ ମିଳିଥିଲା। ଏହି ବୈଠକରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟ, ଚନ୍ଦନ କୁମାର ଜେନା, ବିକାଶ ରଞ୍ଜନ ବେହେରାଙ୍କ ସମେତ ଯନ୍ତ୍ରୀ ବିଭାଗର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।



ଏଲ୍‌ଆଇସିର ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ କରି ଗୁରୁବାର କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ମାଛୁଆ ବଜାରସ୍ଥିତ ଏଲ୍‌ଆଇସି ଡିଭିଜନ ଅଫିସ୍ ସମ୍ମୁଖରେ ମାନବଶୃଙ୍ଖଳ।

# ଏଲ୍‌ଆଇସିର ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ

**କଟକ ଅଫିସ, ୧୯।୧**

### ବୀମା କର୍ମଚାରୀ ସଂଘ ପକ୍ଷରୁ ମାନବଶୃଙ୍ଖଳ

କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ମାଛୁଆବଜାରସ୍ଥିତ ଏଲ୍‌ଆଇସି ଡିଭିଜନ ଅଫିସ ସମ୍ମୁଖ ରାସ୍ତାରେ ମାନବଶୃଙ୍ଖଳ କରାଯାଇଥିଲା। ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାନବଶୃଙ୍ଖଳ କାର୍ଯ୍ୟକ୍ରମରେ ସଙ୍ଗଠନ ସାଧାରଣ ସମ୍ପାଦକ ଅଭୟ କୁମାର ଦାସ କହିଥିଲେ, ୧୯୫୬ ଜାନୁୟାରୀ ୧୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଜୀବନ ବୀମା ବ୍ୟବସାୟକୁ ଜାତୀୟକରଣ କରିବା ପାଇଁ ଅଧ୍ୟାଦେଶ ଜାରି କରିଥିଲେ। ଏହାଦ୍ୱାରା ୧୯୫୬ ସେପ୍ଟେମ୍ବର ୧ରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଗଠିତ ହୋଇଥିଲା। ଏଲ୍‌ଆଇସି ଗଠନ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ୭୦ ପ୍ରତିଶତ ବୀମାଭୁକ୍ତ ହୋଇଛନ୍ତି। ହେଲେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆସିବା ପରେ ରାଷ୍ଟ୍ରାୟତ୍ତ ବୀମା ସଂସ୍ଥା ଉପରେ ଆକ୍ରମଣ ବୃଦ୍ଧି ପାଇଛି। ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବୃଦ୍ଧି, ବିଦେଶୀ ପୁଞ୍ଜିକୁ ଅନୁମତି ଦେବା ଓ ଏଲ୍‌ଆଇସିର ପୁଞ୍ଜି ପ୍ରତ୍ୟାହାର ଆଦି ପଦକ୍ଷେପ ନିଆଯାଇଛି। ଜନସାଧାରଣଙ୍କୁ ସଚେତନ କରିବା ଓ ଅଧ୍ୟାଦେଶ ଦିବସକୁ ସ୍ମରଣୀୟ କରିବାକୁ ଉକ୍ତ ମାନବ ଶୃଙ୍ଖଳ କରାଯାଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏଲ୍‌ଆଇସି ମାର୍କେଟିଂ ମ୍ୟାନେଜର ଶ୍ୟାମଳକାନ୍ତି ମହାନ୍ତି, ରବି ନାରାୟଣ ମଲ୍ଲିକ, ଗଜେନ୍ଦ୍ର ନାଥ ମହାନ୍ତି, ମାନଗୋବିନ୍ଦ ବାରିକ, ନିର୍ମଳ ଦାସ, ରବୀନ୍ଦ୍ର ଧଳ, ଦେବାଶିଷ ନାୟକ, ପ୍ରଦୀପ ଷଡଙ୍ଗୀ, ପ୍ରକାଶ ରାୟ, ପି.କେ. ସିହ୍ନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଜି ଗଣଦୌଡ଼, ଡାକ ଟିକେଟ ପ୍ରଦର୍ଶନୀ

**କଟକ ଅଫିସ,୧୯।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାନୁୟାରୀ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଆଇକନିକ ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଶୁକ୍ରବାର କଟକ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ସିଆର୍‌ପିଏଫ୍, ଆଇଟିବିପି ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ସକାଳ ୭ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ଗଣଦୌଡ଼ ହେବ। ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରୁ ଗଣଦୌଡ଼ ବାହାରି ହରିଣ ପାର୍କ, ରିଂରୋଡ, ସିଲଭରସିଟି ବୋଟ୍ କ୍ଲବ, ଗଡ଼ଗଡେଶ୍ୱର ମନ୍ଦିର ଦେଇ ପୁଣି ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିବ। ସେହିପରି ସକାଳ ୯ଟାରୁ ଶୋଭାଯାତ୍ରା ହେବ। ଏଥିସହ ରେଭେନ୍‌ଶା କଲିଜିଏଟ ସ୍କୁଲ ପରିସରରେ ଚାରାରୋପଣ, ବାରବାଟୀ ପ୍ୟାଲେସ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଅପରାହ୍ନ ୫ଟାରେ କଟକ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଟିବିପି ଏବଂ ସିଆର୍‌ପିଏଫ୍ ପକ୍ଷରୁ ସହୀଦଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଡାକ ଟିକେଟ ପ୍ରଦର୍ଶନୀ ଏବଂ ନେତାଜୀ ଜୟନ୍ତୀ ଉପରେ ଡାକ ଟିକେଟ ଉନ୍ମୋଚନ ହେବ। ସେହିପରି ଯୁଦ୍ଧାସ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। କଟକସ୍ଥିତ ଓଡ଼ିଶା ସାହିତ୍ୟ ଏକାଡେମୀଠାରେ କବିତା ପାଠୋତ୍ସବ ହେବ। ଚଳିତବର୍ଷ ନେତାଜୀ ଜୟନ୍ତୀ ସମାରୋହକୁ ଜନଭାଗିଦାରୀ ମାଧ୍ୟମରେ ଦେଶବ୍ୟାପୀ ବ୍ୟାପକ ଆକାରରେ ଆୟୋଜନ କରିବା ଲାଗି ଗୃହ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣ ସାମିଲ ହେବାକୁ ମନ୍ତ୍ରଣାଳୟ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିରେ ମଧ ସିଆର୍‌ପିଏଫ୍ ଓ ଆଇଟିବିପି ଯବାନ, ସାଧାରଣ ନାଗରିକ ଓ ସ୍କୁଲ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ ବୋଲି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନ ଖାଇଲା, ପାଚେରି ଭାଙ୍ଗିଲା

**ଚୌଦ୍ୱାର,୧୯।୧(ଡି.ଏନ୍.ଏ.)**

### ସର୍ଦ୍ଧାରଖରିଦା ଗ୍ରାମରେ ହାତୀ ଉପଦ୍ରବ

ଟାଙ୍ଗୀ–ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତ ସର୍ଦ୍ଧାରଖରିଦା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥିଲା। ଉକ୍ତ ଗ୍ରାମର ଜଗୁ ରାଉତଙ୍କ ବାରିରେ ଗୋଟିଏ ହାତୀ ପଶିବା ସହ ପିଣ୍ଡାରେ ବସ୍ତାରେ ଭର୍ତ୍ତି ହୋଇଥିବା ଧାନ ଖାଇଥିଲା। ପରେ ପାଚେରି ଭାଙ୍ଗି ଚାଲି ଯାଇଥିଲା। ଗୁରୁବାର ସକାଳେ ଖବରପାଇ ବନ କର୍ମଚାରୀ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏବେ ଧାନ ଅମଳ ସମୟ ହୋଇଥିବାରୁ ଲୋକମାନେ ଧାନକୁ ଖଳା କିମ୍ବା ଘର ବାହାରେ ରଖୁଛନ୍ତି। ଫଳରେ ହାତୀପଲ ଧାନ ଖାଇବା ପାଇଁ ଗ୍ରାମମୁହାଁ ହେଉଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୨୪ରୁ ସେଣ୍ଟ୍ରାଲ ଜୋନ୍ ଷ୍ଟୁଡେଣ୍ଟ ରିସର୍ଚ୍ଚ କନ୍‌ଭେନ୍‌ଶନ୍



**କଟସ ଅଫିସ,୧୯।୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସେଣ୍ଟ୍ରାଲ ଜୋନ୍ ଷ୍ଟୁଡେଣ୍ଟ ରିସର୍ଚ୍ଚ କନଭେନ୍‌ଶନ୍ ହେବ। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ତତ୍ତ୍ୱାବଧାନରେ ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମଧ୍ୟ-ପୂର୍ବ ଭାରତରେ ଥିବା ବିଶ୍ୱବିଦ୍ୟାଳୟର ଗବେଷକମାନେ ଯୋଗଦେଇ ଶୋଧପ୍ରକଳ୍ପ ଉପସ୍ଥାପନ କରିବେ। ଏହି ପ୍ରକଳ୍ପଗୁଡିକ ପ୍ରଥମେ ବିଶ୍ୱବିଦ୍ୟାଳୟ ସ୍ତରରେ ଚୟନ କରାଯାଇ ଜୋନାଲ ସ୍ତରରେ ଉପସ୍ଥାପନ ହେବ। ଏଠାରୁ ଚୟନ ହୋଇଥିବା ଶୋଧପ୍ରକଳ୍ପ ରାଷ୍ଟ୍ରୀୟ ସ୍ତରରେ ହେବାକୁ ଥିବା ରିସର୍ଚ୍ଚ କନ୍‌ଭେନ୍‌ଶନ୍‌ରେ ଉପସ୍ଥାପନ କରାଯିବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ବିଶ୍ୱବିଦ୍ୟାଳୟ ସଂଘ ରିସର୍ଚ୍ଚ ଡିଭିଜନର ନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପାଣି ଓ ସହ ନିର୍ଦ୍ଦେଶକ ଡ. ଉଷା ରାୟ ପୃଷ୍ଠପୋଷକତା କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେବେ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍‌ଭେନ୍‌ଶନ୍‌ର ଆଞ୍ଚଳିକ ସଂଯୋଜକ ସୁଦର୍ଶନ ମିଶ୍ର, ଡ. ଶରତ କୁମାର ରାଉତ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ଅବ୍ୟବସ୍ଥାକୁ ନେଇ କମିଟି ସଦସ୍ୟ ଅସନ୍ତୁଷ୍ଟ

**କଟସ ଅଫିସ,୧୯।୧**

### ଶିକ୍ଷା, ସଂସ୍କୃତି ଷ୍ଟାଣ୍ଡିଂ କମିଟି ବୈଠକ

କଟକ ମହାନଗର ନିଗମ(ସିଏମ୍‌ସି) ଶିକ୍ଷା, ସଂସ୍କୃତି ଷ୍ଟାଣ୍ଡିଂ କମିଟି ବୈଠକ ଗୁରୁବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଦସ୍ୟମାନେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ନର୍ସରୀରେ ଫୁଲଚାରା ନାହିଁ, ଶୀତଦିନେ ପାର୍କଗୁଡ଼ିକରେ ଫୁଲ ଦେଖିବାକୁ ମିଳୁନି। ଅଧାପନ୍ତରିଆ କାମ ଯୋଗୁ ନର୍ସରୀରେ ଚାରାର ଅଭାବ ଦେଖାଦେଇଛି। ସିଏମ୍‌ସି ଅଧିକାରୀଙ୍କ ଏଭଳି ମନମୁଖି କାର୍ଯ୍ୟକୁ ନେଇ କମିଟି ସଦସ୍ୟମାନେ ଅସନ୍ତୁଷ୍ଟ ହୋଇଥିଲେ। ସିଏମ୍‌ସି ପକ୍ଷରୁ ସମସ୍ତ ସୁବିଧା ଦିଆଯାଉଥିବାବେଳେ ଏଭଳି ସ୍ଥିତି କାହିଁକି ଉପୁଜୁଛି ବୋଲି କମିଟି ସଦସ୍ୟ ଶୁଭାଶିଷ କୁମାର ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସିଡିଏଠାରେ ନିର୍ମାଣ ହୋଇଥିବା ନୂଆ ନର୍ସରୀରେ ଚାରା ଅଭାବ ଦେଖାଦେଇଛି। ଏପରି କି ବିଭିନ୍ନ ସମସ୍ୟା ଯୋଗୁ ସେଠାରେ ଚାରାରୋପଣ ହୋଇପାରୁନାହିଁ। ଫଳରେ ୩ ବର୍ଷ ହେବ ଚାରା ବ୍ୟବସାୟ ହ୍ରାସ ପାଇଛି। ଏଥିପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ନର୍ସରୀକୁ କମିଟି ସଦସ୍ୟମାନେ ପରିଦର୍ଶନ କରି ସୁବିଧାଅସୁବିଧା ସମ୍ପର୍କରେ ଅବଗତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ପାର୍କରେ ପାଣି ସମସ୍ୟା ଦେଖାଦେଇଥିବାରୁ ଟାଙ୍କି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। କମିଟି ଅଧ୍ୟକ୍ଷା ମୋନାଲିସା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ପୋରେଟର ମମତା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗିନୀ ଜେନା, ରୀତାଞ୍ଜଳି ବେହେରା, କ୍ୟୁରେଶା ନୁର ପ୍ରମୁଖ ଯୋଗ ଦେଇଥିଲେ।

## ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା

# ଭକ୍ତମଧୁ ବିଦ୍ୟାପୀଠ ବିଜୟୀ

**କଟକ ଅଫିସ,୧୯।୧**

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀଠାରେ ଆନ୍ତଃବିଦ୍ୟାଳୟ ସିନିୟର ବସନ୍ତ ଦାସ ସ୍ମାରକୀ ଓ ଜୁନିୟର ବିଭାଗର ଡ. ଭଗବାନ ଦାସ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚଳିତବର୍ଷ ସିନିୟର ଓ ଜୁନିୟର ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଭକ୍ତମଧୁ ବିଦ୍ୟାପୀଠ ଜୋହାରିମଲ୍ଲ ହାଇସ୍କୁଲକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି। ଭକ୍ତମଧୁ ବିଦ୍ୟାପୀଠର ଶେଖ୍ ରଇସ ଅହମ୍ମଦ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ କୃଷିମନ୍ତ୍ରୀ ତଥା ଆସୋସିଏଶନ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଭାପତିତ୍ୱ କରି କହିଥିଲେ, କ୍ରୀଡାର ଉନ୍ନତି ପାଇଁ ତୃଣମୂଳସ୍ତରରୁ ଆସୋସିଏଶନ ଯେଉଁ ପ୍ରୟାସ ଜାରି ରଖିଛି, ତାହା ବେଶ୍ ପ୍ରଶଂସନୀୟ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବିଶିଷ୍ଟ ଅତିଥି ଭାବେ ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଓ ପ୍ୟାରୀମୋହନ ଏକାଡେମୀର ପ୍ରଧାନ ଶିକ୍ଷକ ନାସିମା ବାଣ ଯୋଗ ଦେଇଥିଲେ। ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସ୍ୱାଗତ ଭାଷଣ ଓ କ୍ରୀଡାବିତ୍ ସୁନୀଲ କୁମାର ବୋଷ ଧନ୍ୟବାଦ ଦେଇଥିଲେ।



ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଖେଳାଳିଙ୍କ ଗହଣରେ ଅତିଥି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୯।୧**

ଧାନମଣ୍ଡିରେ ଅବ୍ୟବସ୍ଥାକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ର ହୋଇ ମଣ୍ଡିରେ ଧାନକାଟ ବିରୋଧରେ ପ୍ରତିବାଦ କରିଥିଲେ। ସଙ୍ଗଠନର ଜିଲା ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ଯୋଗାଣ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ମଣ୍ଡିରେ ଧାନ କିଣାଯାଉ ନାହିଁ। ମିଲର ଓ ସମବାୟ ସମିତି ସମ୍ପାଦକଙ୍କ ସଲାସୁତରାରେ ଏଭଳି କରାଯାଉଛି। ବିଭିନ୍ନ ଜିଲାରେ ୩ରୁ ୯ କେଜି ଲେଖାଏଁ ଧାନ କାଟ ହେଉଛି। ଏ ନେଇ ପ୍ରତିଦିନ ଚାଷୀମାନେ ବିଭିନ୍ନ ସ୍ଥାନରେ ଅଭିଯୋଗ କରୁଛନ୍ତି। ହେଲେ ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି।




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

### ମାର୍ଗଦର୍ଶିକା ଅନୁଯାୟୀ ମଣ୍ଡିରେ କିଣାଯାଉନି ଧାନ

ସେହିପରି ସଙ୍ଗଠନ ସଦସ୍ୟ ବିଚିତ୍ର ପଣ୍ଡା କହିଛନ୍ତି, ହାତୀ, ଷଣ୍ଢ, ବାର୍‌ହା କବଳରୁ ଚାଷୀମାନେ ଧାନ ସୁରକ୍ଷିତ ଭାବେ ଅମଳ କରିଛନ୍ତି। ଅଧିକ ମୂଲ୍ୟ ପାଇବା ଆଶାରେ ଚାଷୀ ମଣ୍ଡିରେ ଧାନ ଦେଉଛନ୍ତି। ହେଲେ ମିଲର୍‌ମାନେ ଏହି ଧାନକୁ କାଟ୍ କରି ଲୁଟୁଛନ୍ତି। ଏଭଳି ଅବ୍ୟବସ୍ଥା ବିରୋଧରେ ଜିଲାପାଳ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନ ସଦସ୍ୟମାନେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ କୃଷ୍ଣ ବେହେରା, ଜଟାଧାରୀ ଲେଙ୍କା, କୃପାସିନ୍ଧୁ ଦାସ, ସଂଗ୍ରାମ କେଶରୀ ସ୍ୱାଇଁ, କାଶୀନାଥ ସ୍ୱାଇଁ, ହୃଷୀକେଶ ରାଉତ, ବସନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୯।୧।୨୦୨୩

| ୩,୫୪,୦୫୫ ଟଙ୍କା | |
|---|---|
| ସୁନା | ୧.୭୦୦ ଗ୍ରାମ |
| ରୁପା | ୪୫.୫୦୦ ଗ୍ରାମ |

# ଜିଲାପାଳ ତଦନ୍ତ କରି ଧାନକାଟ ବନ୍ଦ କରନ୍ତୁ

ପୁରୀ ଅଫିସ,୧୯।୧

ଧାନମଣ୍ଡିରେ ମିଲରଙ୍କ ଲୁଟ୍‌ପାଟ ଓ ମନଇଚ୍ଛା କାଟ ହେଉଥିବା ଅଭିଯୋଗ କରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶତାଧିକ ଚାଷୀ ଗୁରୁବାର ଏକାଠି ହୋଇ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଜିଲାପାଳ ତଦନ୍ତ କରି ଧାନକାଟ ବନ୍ଦ କରିବାକୁ ଦାବି କରିଥିଲେ। ସଙ୍ଗଠନର ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର ଅଭିଯୋଗରେ କହିଥିଲେ, ଯୋଗାଣ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଧାନ କିଣା ଯାଉ ନାହିଁ। ମିଲର ଓ ସମବାୟ ସମ୍ପାଦକଙ୍କ ମଧୁଚନ୍ଦ୍ରିକା ଏବଂ ନେତାଙ୍କ ସହଯୋଗ ବଳରେ ମିଲରମାନେ ବିଭିନ୍ନ ଜିଲାର ୩ରୁ ୯କେଜି ଲେଖାଏ ଧାନ କାଟ ନେଉଛନ୍ତି। ଜଣେ ଚାଷୀଙ୍କଠାରୁ ପ୍ରାୟ ୫ରୁ ୭କୁଇଣ୍ଟାଲ କାଟି ନେଉଛନ୍ତି। ଯଦ୍ୱାରା ଚାଷୀ ଅଧିକ କ୍ଷତି ସହୁଛନ୍ତି। ଏହା ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ତାଙ୍କ ବାସଭବନ ଆଗରେ ଧାନ ପକାଇଲେ ମଧ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏହି ଲୁଣ୍ଠନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ମହାପାତ୍ର କହିଥିଲେ।



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

### ନବନିର୍ମାଣ କୃଷକ ସଂଗଠନର ଜିଲାପାଳ କାର୍ଯ୍ୟାଳୟ ଘେରାଉ

କାର୍ଯ୍ୟକ୍ରମରେ ସୂର୍ଯ୍ୟ ନାରାୟଣ ରଥ ଯୋଗଦେଇ କହିଥିଲେ, ଷଣ୍ଢ, ହାତୀ ଓ ବାଘ୍ରା କବଳରୁ ଅମଳ କରିଥିବା ଧାନକୁ ଏବେ ନେତା ଓ ମିଲର ଲୁଟିବାରେ ଲାଗିଛନ୍ତି। ଖଣି, ପାଣି, କୋଇଲା, ବକ୍ସାଇଟ ଓ ପିସି ଖାଉଥିବା ନେତାମାନେ ଏବେ ମିଲରଙ୍କୁ ଚାନ୍ଦା ମାଗିବା ଦ୍ୱାରା ଧାନ କଟନିଛଟନି ଅଧିକ ହେଉଛି। ଏପରିକି ଯେଉଁଠି ୨କେଜି କାଟ ହେଉଥିଲା, ତାହା ଏବେ କୋରାପୁଟରେ ୧୨ କେଜି, ମୟୂରଭଞ୍ଜ ୧୦ କେଜି ଓ ନୟାଗଡ଼ରେ ୯ କେଜି କାଟ ହେଉଛି। ଏହା ବିରୋଧରେ ଯଦି ଜିଲାପାଳ ନିଜ ଆଡୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ଧାନକାଟ ବନ୍ଦ ନ କରନ୍ତି ଓ ଅସାଧୁ ମିଲରଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ ନ ଦିଅନ୍ତି, ତେବେ ଆଗାମୀ ଦିନରେ ଲଢେଇ ଆହୁରି ଜୋରଦାର କରାଯିବ। ଚାଷୀମାନେ ଜିଲାପାଳ ଅଫିସ୍ ଅଚଳ କରିବେ। ରାଜ୍ୟ ସରକାରଙ୍କ ସିଏଜି ରିପୋର୍ଟରେ ଧାନକିଣାରେ ୪୦୦ କୋଟି ଟଙ୍କା ହଡ଼ପ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଣୁ ଯୋଗାଣ ବିଭାଗର ନିୟମ ଅନୁଯାୟୀ ଧାନ କିଣା ନ ଯାଇ ସ୍ଥାନୀୟ ନେତାଙ୍କ ଇଙ୍ଗିତରେ ବ୍ୟାପକ ଧାନକାଟ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ରଥ କହିଥିଲେ। ଶୋଭାଯାତ୍ରାରେ ରାମଚନ୍ଦ୍ର ପ୍ରଧାନ, ଶରତ ପ୍ରଧାନ, ଅନୁପ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମଙ୍ଗଳା ମନ୍ଦିର ଉନ୍ନୟନ କାର୍ଯ୍ୟ ନେଇ ଅନୁଧାନ

ଅସ୍ତରଙ୍ଗ,୧୯।୧(ଡି.ଏନ୍.ଏ.)

୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ପୁରୀ ୨ ଡିଭିଜନ ମ୍ୟାନେଜର ସୁନ୍ଦର ମାଧବ ପାଢ଼ୀ ଗୁରୁବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିରକୁ ଆସିଛନ୍ତି। ମନ୍ଦିରର ଉନ୍ନତୀକରଣ, ରକ୍ଷଣାବେକ୍ଷଣ, ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କିପରି ଭାବେ କରାଯାଇପାରିବ ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏଥିସହ ବିଭିନ୍ନ କାର୍ଯ୍ୟ ବିଷୟକୁ ନେଇ ଜିଲାପାଳ ସମର୍ଥ ବର୍ମା, ମନ୍ଦିର ପ୍ରଶାସକ କୈଳାସ ଚନ୍ଦ୍ର ଦାଶ, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତିରଞ୍ଜନ, ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରା, ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ପ୍ରଦୀପ ପଣ୍ଡା, ମାନସ ଦୀକ୍ଷିତ ଓ ସେବକ ନିଯୋଗର ପବିତ୍ର କୁମାର ଦୀକ୍ଷିତ, ତାପସ ଦୀକ୍ଷିତ ଶାନ୍ତନୁ ଦୀକ୍ଷିତ, ସୁବାସ ଚନ୍ଦ୍ର ପାଢ଼ୀ, ତପନ ଦୀକ୍ଷିତଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିରର କି କି କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଡିଭିଜନ ଅଫିସର ପାଢ଼ୀ ଅନୁଧାନ କରିଥିଲେ। ବର୍ଷାଦିନେ ମନ୍ଦିରରୁ ପାଣି ଗଳୁଥିବାରୁ ତାହାର ମରାମତି, ମନ୍ଦିର ବେଢାରେ ଥିବା ଭୋଗ ଓ ଦ୍ୱୀପ ଦୋକାନକୁ ସ୍ଥାନାନ୍ତର କରିବା, ମନ୍ଦିର ପରିସରରୁ ବର୍ଷାଜଳ ନିଷ୍କାସନ, ପ୍ରସାଦ ସେବନ ସ୍ଥାନ ଓ ରୋଷଘର ନୂତନ ନିର୍ମାଣ କରିବା ସହିତ ଘଣ୍ଟ ତୋଳା ତୁଠର ପୁନରୁଦ୍ଧାର, ପ୍ରାଚୀ ନଦୀରେ ଠାକୁର ଚାପ ଖେଳିବା ପାଇଁ ତୁଠର ପୁନରୁଦ୍ଧାର ସମ୍ପର୍କରେ ତଥ୍ୟ ଗ୍ରହଣ କରିଥିଲେ। ମନ୍ଦିର ଉତ୍ତରଦ୍ୱାର ସମ୍ମୁଖରେ ବ୍ରାହ୍ମଣ ପାଇଁ ଏକ କର୍ମକାଣ୍ଡ ଗୃହ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ପ୍ରାଥମିକ ଭାବେ ଯାନବାହନ ପାର୍କିଂ ବ୍ୟବସ୍ଥା, ମନ୍ଦିର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ ସାଙ୍ଗକୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବିଶ୍ରାମ ସ୍ଥାନ, ପାନୀୟ ଜଳର ସୁବିଧା ଉପରେ ଆଲୋଚନା କରି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଅଫିସର କହିଛନ୍ତି।

## ସଂକ୍ଷେପରେ

### ବାଇକ୍, ବ୍ରାଉନସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ,୧୯।୧:** ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ମାତୃଶକ୍ତି ସହାୟତାରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲାର ସୁନୀଲ ରାଉତ (୨୪) । ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ବାଇକ୍ ଓ ୧୦୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଏ ନେଇ ଥାନାରେ କେସ ନଂ. ୧୭/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ପୁରୀରେ ବ୍ରାଉନ ସୁଗାର ସହ ବିଭିନ୍ନ ନିଶା କାରବାର ରୋକିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସେହିପରି ସାହିର ମହିଳାମାନଙ୍କୁ ନେଇ ମାତୃଶକ୍ତି ଗଠନ କରାଯାଇଛି। ଯେଉଁମାନେ ପୋଲିସକୁ ବିଭିନ୍ନ ସୂଚନା ଦେବା ସହ ସାହାଯ୍ୟ କରୁଛନ୍ତି। ତେବେ ବୁଧବାର ନରେନ୍ଦ୍ରକୋଣ ମଙ୍ଗଳାବସ୍ତିର ମାତୃଶକ୍ତିର ଜଣେ ସଦସ୍ୟା ପୋଲିସକୁ ଖବର ଦେଇଥିଲେ କି ଜଣେ ବ୍ୟକ୍ତି ବ୍ରାଉନସୁଗାର ନେଇ ବିକ୍ରି କରିବା ପାଇଁ ଏକ ବାଇକ୍ ଯୋଗେ ମଙ୍ଗଳାବସ୍ତି ଆସୁଛନ୍ତି। ପୋଲିସ ମଙ୍ଗଳାବସ୍ତି ନିକଟସ୍ଥ ଥିବା ବାନାମ୍ବର ମନ୍ଦିର ପାଖରେ ଚେକିଂ କରିଥିଲା। ତେବେ ପୋଲିସକୁ ଦେଖି ଅଭିଯୁକ୍ତ ଗାଡି ଛାଡି ଖସିଯିବାକୁ ଚେଷ୍ଟା କରିଥିଲା। ମାତ୍ର ପୋଲିସ ତାଙ୍କୁ ଧରିବା କରିବା ସହ ୧୦୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲା। ତେବେ ବ୍ରାଉନ ସୁଗାରର ମୂଲ୍ୟ ୧୦ ଲକ୍ଷ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ଡେଲାଙ୍ଗ,୧୯।୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅଧୀନ ଇନ୍ଦିପୁରସ୍ଥିତ ଆଚାର୍ଯ୍ୟ ହରିହର ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. କାହ୍ନୁଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ପ୍ରମୋଦ ଜେନା, ଶୈଳେନ୍ଦ୍ର ସେନାପତି, ବରିଷ୍ଠ କିରାଣି ନିରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଆତ୍ମରକ୍ଷା ତାଲିମର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ବିହାରୀ ସାହୁ ଅତିଥି ପରିଚୟ, ପ୍ରଶିକ୍ଷିକା ଦେବସ୍ମିତା ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧକ୍ଷ ଦାସ ସୂଚନା ଦେଇଛନ୍ତି। ଶିକ୍ଷା ପ୍ରଦର୍ଶିକା ସଞ୍ଜୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ।



ପୁରୀ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ ସହ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନ କରାଯାଉଛି।

## ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ,୧୯।୧

ହବିଷିଆଳୀମାନଙ୍କ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀମାନଙ୍କୁ ଗୁରୁବାର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବରୁ ସ୍ୱେଚ୍ଛାସେବୀମାନଙ୍କୁ ଟାଉନ ହଲରେ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଅନ୍ୟମାନଙ୍କୁ ଗୁରୁବାର ଜିଲାପାଳ ଓ ଅତିରିକ୍ତ ଜିଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଦିଲୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ମଚାରୀ ଆଦିତ୍ୟ ବରାଳ, ସୌମ୍ୟରଞ୍ଜନ ପୂଜାରୀ, ସୁଜିତ ମହାନ୍ତି, ବିଶ୍ୱନାଥ ପୂଜାରୀ, କୁନା ବେହେରା, ଦିବାକର ପଟ୍ଟନାୟକ ଓ ଲକ୍ଷ୍ମୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟପାଳ ମେଡାଲ ପାଇବେ ପୁରୀ ଏସ୍‌ପି

ପୁରୀ ଅଫିସ,୧୯।୧

ଚଳିତଥର ସାଧାରଣତନ୍ତ୍ର ଦିବସ ଅବସରରେ ପୁରୀର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଉତ୍ତମ ସେବା ପାଇଁ ରାଜ୍ୟପାଳ ମେଡଲ ପାଇବେ। ପୋଲିସ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ତଥା ଉତ୍ତମ ସେବା ନିମନ୍ତେ ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂଙ୍କୁ ୨୦୨୨ ମସିହା ପାଇଁ ରାଜ୍ୟପାଳ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୩ଟି ବିଭାଗ ଯଥା କାଟାଗୋରି ୧, କାଟାଗୋରି ୨ ଏବଂ କାଟାଗୋରି ୩ରେ ର୍ୟାଙ୍କ ଅନୁଯାୟୀ ପୋଲିସ ଅଧିକାରୀମାନଙ୍କୁ ସମ୍ମାନିତ କରାଯିବ। ତେବେ ର୍ୟାଙ୍କ ଅନୁଯାୟୀ ପୁରୀ ଏସ୍‌ପି ସିଂଙ୍କୁ କାଟାଗୋରି ୨ରେ ରାଜ୍ୟପାଳ ମେଡାଲ ଆସନ୍ତା ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।


ଏସ୍‌ପି ଡ. କନୱର ବିଶାଲ ସିଂ।

## ଠାକୁର ଅଭିରାମ ପରମହଂସ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

କଣାସ,୧୯।୧(ସ୍ୱ.ପ୍ର.)

ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ୧୨୦ତମ ଜୟନ୍ତୀ ଉତ୍ସବ କରମଳାଠାରେ ପ୍ରତିଷ୍ଠିତ ଶ୍ରୀ ଶାନ୍ତି ଆନନ୍ଦାଶ୍ରମ ପରିସରରେ ଗୁରୁବାର ଉଦ୍‌ଘାଟନ ହୋଇଯାଇଛି। ଆଶ୍ରମର ଆଚାର୍ଯ୍ୟ ବଳରାମ ଦାସ ମହାରାଜ ନୀତି ନିୟମ ଅନୁଯାୟୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଆଶ୍ରମର ସମସ୍ତ ସାଧୁସନ୍ଥ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ଉପସ୍ଥିତ ଥିଲେ। ଏହି ଉତ୍ସବ ୪ ଦିନ ଚାଲିବ। କରୋନା ଯୋଗୁ ୨ ବର୍ଷ ଧରି ଉତ୍ସବରେ ଭକ୍ତ ଯୋଗଦେଇ ନ ଥିବାରୁ ଚଳିତବର୍ଷ ବହୁ ଭକ୍ତ ଆସିଛନ୍ତି। ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଅଙ୍କୁରାରୋପଣ, ଘଟସ୍ଥାପନ, ଭଜନ ସମାରୋହ, ସନାତନ ଧର୍ମ ସମ୍ମିଳନୀ, ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀହରି କଥାମୃତ ପ୍ରଦାନ, ସତ୍ୟନାରାୟଣ ପାଲା, ଗୋଟିପୁଅ ନୃତ୍ୟ, ବିଶ୍ୱଶାନ୍ତି ନାମଯଜ୍ଞର ଶୁଭାଧିବାସ, ଶ୍ରୀଅଭିରାମ ଲୀଳା ନାଟକ ପରିବେଷଣ କରାଯିବ। ଶୁକ୍ରବାର ଠାକୁରଙ୍କ ସହସ୍ର କୁମ୍ଭାଭିଷେକ, ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣ ହେବ। ଶନିବାର ନଗର କୀର୍ତ୍ତନ ଓ ଜନ୍ମ ମହୋତ୍ସବ ଉଦ୍‌ଯାପିତ ହେବ। ଆନନ୍ଦ ଆଶ୍ରମକୁ ଆସିବା ପାଇଁ ପୁରୀ, ନିରାକାରପୁରଠାରୁ ବସ୍ ଓ ଅଟୋରିକ୍ସା କରାଯାଇଥିବା ସନ୍ନ୍ୟାସୀ ବନବିହାରୀ ମହାରାଜ କହିଛନ୍ତି।

# ମୋ ବସ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର, ୩ ଗିରଫ

ନିମାପଡ଼ା,୧୯।୧(ଡି.ଏନ୍.ଏ.)

ମୋ ବସ୍ ଚାଳକ ଏବଂ ଗାଇଡ୍‌ଙ୍କୁ ଘରୋଇ ବସ୍ କର୍ମଚାରୀ ଗାଳିଗୁଲଜ କରିବା ଅଭିଯୋଗରେ ନିମାପଡ଼ା ପୋଲିସ ଗୁରୁବାର ୩ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଏକ ମାମଲା (ନଂ.୧୯/୨୩) ରୁଜୁ କରିଛି। ସେମାନେ ହେଲେ ଘରୋଇ ବସ୍ ଚାଳକ କାକଟପୁର ଥାନା ଅନ୍ତର୍ଗତ ଫକୀର ସାହି ଗ୍ରାମର ପ୍ରକାଶ ସାହୁ, କଣ୍ଡକ୍ଟର ବଳଙ୍ଗା ଥାନା ଅନ୍ତର୍ଗତ କଅଁରପୁର ଗ୍ରାମର ଶଙ୍କର୍ଷଣ ସ୍ୱାଇଁ, ହେଲପର୍ ଗୋପ ଥାନା ଅନ୍ତର୍ଗତ କେଉତୁଙ୍ଗା ଗ୍ରାମର ନରେନ୍ଦ୍ର ବେହେରା। ସୂଚନା ମୁତାବକ, ନିମାପଡ଼ା ଛକଠାରେ ଗତ ୧୭ ତାରିଖରେ ମୋ ବସ୍ ଡ୍ରାଇଭର ଏବଂ ଗାଇଡ୍‌ଙ୍କୁ 'ଅନ୍ନପୂର୍ଣ୍ଣା' ନାମକ ଘରୋଇ ବସ୍ କର୍ମଚାରୀ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ଏନେଇ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବେଗୁନିଆର ଚକ୍ରଧର ମୁଦୁଲି ଓ ଗାଇଡ୍ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ରାଜକିଶୋର ସାହୁ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ବସ୍ ଚଳାଚଳର ସମୟ ନିର୍ଘଣ୍ଟକୁ ନେଇ ଏହି ବିବାହ ଓ ଗଣ୍ଡଗୋଳ ସୂତ୍ରପାତ ଘଟିଥିବା ଜଣାପଡ଼ିଛି। ଏହି ସମୟ ନିର୍ଘଣ୍ଟକୁ କେନ୍ଦ୍ର କରି ନିମାପଡ଼ା ରୁଟ୍‌ରେ ବିଭିନ୍ନ ସମୟରେ ମୋ ବସ୍ ଓ ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ମୋ ବସ୍ ସମୟ ନିର୍ଘଣ୍ଟ ନ ମାନି ମନମୁଖି ଭାବେ ଯାତାୟାତ କରୁଥିବାରୁ ଘରୋଇ ବସ୍ ବହୁ କ୍ଷତି ସହୁଥିବା କେତେକ ଘରୋଇ ବସ୍ ମାଲିକ ଓ ଚାଳକ କହିଛନ୍ତି।

## ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ

କଣାସ,୧୯।୧(ସ୍ୱ.ପ୍ର.)

କଣାସ ବ୍ଲକ ବକୁ ସେବା ସମବାୟ ସମିତି ପକ୍ଷରୁ ଗୁରୁବାର ପ୍ରଥମ ଧାନମଣ୍ଡି ଖୋଲାଯାଇଛି। ଉକ୍ତ ସମବାୟ ସମିତି ସଭାପତି ଶିକ୍ଷାବିତ୍ ବଂଶୀଧର ଜଗଦେବ ଏହି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ରୂପକ ସାମନ୍ତରାୟ, ପରିଚାଳନା ପରିଷଦ ସଦସ୍ୟ ସୁବଳ ରାଉତ, କାଳୁଚରଣ ଛୋଟରାୟ, ଦିଲୀପ ପାଲଟାସିଂ, ସାହୁପଡ଼ା ସେବା ସମବାୟ ସମିତି ସଭାପତି ଶରତ ଚନ୍ଦ୍ର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ୯ ଜଣ ଚାଷୀଙ୍କଠାରୁ ୨ ଶହ କୁଇଣ୍ଟାଲ ଧାନ ବ୍ରହ୍ମଗିରିର ପାୟଲ ରାଇସ୍ ମିଲ୍ କ୍ରୟ କରିଥିଲା।

# ୨୫ ବର୍ଷରେ ୫୦ଥର ରକ୍ତଦାନ

ଅସ୍ତରଙ୍ଗ,୧୯।୧(ଡି.ଏନ୍.ଏ.)

ରକ୍ତ ଦାନ, ମହତ ଦାନ। ଏହି ମହାନ କାର୍ଯ୍ୟ ପାଇଁ ସମାଜରେ ସଚେତନତା ସୃଷ୍ଟି କରିବା ସହ ମଣିଷର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୦୪ରୁ ପ୍ରତି ବର୍ଷ ଜୁନ ୧୪କୁ ବିଶ୍ୱ ରକ୍ତ ଦାନ ଦିବସ ଭାବେ ଘୋଷଣା କରିଛି। ଏହି ମହତ କାର୍ଯ୍ୟ ପାଇଁ କିଶୋର ବୟସରୁ ନିଜକୁ ସମର୍ପିତ କରିବା ସହ ଦୁଃଖୀ ଓ ଅସହାୟଙ୍କ ଦେବଦୂତ ସାଜି

### ଅସହାୟଙ୍କ ସାହା ସତ୍ୟବ୍ରତ

ଉଦାହରଣ ସୃଷ୍ଟି କରିଛନ୍ତି ପୁରୀ ଜିଲା ଲବଣ ସତ୍ୟାଗ୍ରହ ପୀଠ ଅସ୍ତରଙ୍ଗ କୁହୁଡ଼ି ଗ୍ରାମର ସାମାଜିକ କର୍ମୀ ସତ୍ୟବ୍ରତ ଲେଙ୍କା। ସେ ୧୭ବର୍ଷ ବୟସରୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ଆରମ୍ଭ କରି ୨୫ବର୍ଷ ବୟସ ମଧ୍ୟରେ ୫୦ଥର ରକ୍ତଦାନ କରିଥିବା ସେ କହିଛନ୍ତି। ଅସ୍ତରଙ୍ଗ– କାକଟପୁର ଅଞ୍ଚଳର ଯେକୌଣସି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହେଉ କିମ୍ବା କୌଣସି ଲୋକଙ୍କ ରକ୍ତର ଜରୁରୀ ଆବଶ୍ୟକତା ଖବର ମିଳିବା ମାତ୍ରେ ସ୍ୱତଃ ପ୍ରବୃତ୍ତ ଭାବେ ରକ୍ତ ଦେବାପାଇଁ ପହଞ୍ଚି ଯାଆନ୍ତି ସତ୍ୟବ୍ରତ। ଏଥିସହ ସେ ଅସ୍ତରଙ୍ଗ ଅଞ୍ଚଳରେ ଅସହାୟ ଲୋକଙ୍କୁ ଖାଦ୍ୟ ଦେଇ ସେବା କରନ୍ତି। ସତ୍ୟବ୍ରତ ଅସହାୟ ରୋଗୀଙ୍କ ସେବା ସହ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦେଇ ଆତ୍ମସନ୍ତୋଷ ପାଆନ୍ତି ବୋଲି କହନ୍ତି। ଅସ୍ତରଙ୍ଗ ବଜାରରେ ବ୍ୟବସାୟ କରୁଥିବା ସତ୍ୟବ୍ରତ ସ୍ମୃତି ସଂସଦ ଅନୁଷ୍ଠାନ ସହ ଜଡ଼ିତ ରହି ନିଶାମୁକ୍ତ ଅଭିଯାନ ଜାରି ରଖିଛନ୍ତି।

# 'ସ୍ୱାବଲମ୍ବୀ କ୍ଷେତ୍ରରେ ଓଡ଼ିଶାର ମହିଳା ଆଗରେ'

ଗୋପ,୧୯।୧(ଡି.ଏନ୍.ଏ.)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ସବୁ ଯୋଜନା କରିଛନ୍ତି ତାହା ବେଶ୍ ହୃଦୟସ୍ପର୍ଶୀ। ସ୍ୱାବଲମ୍ବୀ କ୍ଷେତ୍ରରେ ଓଡ଼ିଶାର ମହିଳାମାନେ ଅନ୍ୟ ରାଜ୍ୟଠାରୁ ଆଗରେ ଅଛନ୍ତି। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ଏହି ଜିଲାର ଗୋପ ବ୍ଲକ ରାଜ୍ୟରେ ବହୁତ ନାଁ କରିପାରିଛନ୍ତି ବୋଲି ତାମିଲନାଡୁର ଗ୍ରାମ୍ୟ ବିକାଶ ଓ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅମୁଧା ଗୁରୁବାର ଗୋପ ବ୍ଲକକୁ ଆସି ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପରିଦର୍ଶନ ବେଳେ କହିଛନ୍ତି। ସଚିବ ଅମୁଧାଙ୍କ ସହିତ ତାମିଲନାଡୁ ଜୀବିକା ମିଶନର ନିର୍ଦ୍ଦେଶିକା ଦିବ୍ୟଦର୍ଶିନୀ ଓ ସହ ନିର୍ଦ୍ଦେଶିକା କଭିଥା ମଧ୍ୟ ରହି ବ୍ଲକରଏସ୍‌ଏଚ୍‌ଜିଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ସନ୍ତୋଷ ପ୍ରକାଶ କରିଥିଲେ। ଏହି ୩ଜଣିଆ ଟିମ ବ୍ଲକର ଗାୟତ୍ରୀ କ୍ଲଷ୍ଟର, ବ୍ଲକ ପରିସରରେ ଥିବା ମିଶନ ଶକ୍ତିର କାଫେ, ଗୋପ ପଞ୍ଚାୟତର କୁଶୁପୁରରେ ମହିଳାଙ୍କ ଦ୍ୱାରା ମାଛଚାଷ ହୋଇଥିବା ପୋଖରୀ ବୁଲିବା କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ଦି ପଇସା କମାଇବା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ସେମାନେ କହିଥିଲେ। ଏହି ଟିମ୍ ସହିତ ଓଡ଼ିଶା ଜୀବିକା ମିଶନର ରାଜ୍ୟ ନିର୍ଦ୍ଦେଶକ ମାନସୀ ନିମ୍ବାଲ ,ଓଏସ୍‌ଡି ସୁଧାଂଶୁ ଶେଖର ନାୟକ, ଓଡ଼ିଶା ମିଶନର ସହ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାଶ, ଜିଲା ପ୍ରକଳ୍ପ ପରିଚାଳକ ବନଜାକାନ୍ତ ମାହାରି, ଜିଲା ପ୍ରକଳ୍ପ ସଂଯୋଗକ ଆରତି ସାହୁ, ବିଡିଓ ଦୀପ୍ତିରାଣୀ ଦାସ, ଗୋପ ଜୀବିକା ମିଶନର ବିପିଏମ ଦୀପାଳି ଛାଟୋଇ, ଡିପିସି ଟିକିନା ବେହେରା, ଗୋପ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୁଷ୍ଟି, ମିଶନ କର୍ମଚାରୀ ରୁବିଲତା ଓଝା, ମଞ୍ଜୁଲତା ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରଧାନ, ବେବୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଗୋପର ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ତାମିଲନାଡୁ ୩ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

### ବିଭିନ୍ନ ଏସ୍‌ଏଚ୍‌ଜି ବୁଲିଲେ ତାମିଲନାଡୁର ୩ଜଣିଆ ଟିମ୍

# ଗବେଷଣା ଦ୍ୱାରା ଜଗନ୍ନାଥ ସଂସ୍କୃତି ବିଶ୍ୱରେ ବିଦିତ

ପୁରୀ ଅଫିସ,୧୯।୧

ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ସଂଗଠନ ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନଙ୍କ ସମ୍ମେଳନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ପରେ ଡ. ଭାସ୍କର ମିଶ୍ର କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଗବେଷକମାନେ ବହୁ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ବିଶ୍ୱ ଦରବାରରେ ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥିବା କହିଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଫେସର ସୁରେନ୍ଦ୍ର ନାଥ ଦାଶ ଓ ଭିତର ସେବାୟତ ନିଯୋଗର ସଭାପତି ବରିଷ୍ଠ ସେବକ ତଲୁଛ ନୀଳକଣ୍ଠ ମହାପାତ୍ର ଯୋଗଦେଇ ସମ୍ମେଳନର ସଫଳତା କାମନା କରିଥିଲେ। ରାଜ୍ୟର ବିଶ୍ୱବିଦ୍ୟାଳୟ ଅଧୀନରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ବିଭବ ଉପରେ ଗବେଷଣା କରି ଡିଗ୍ରୀଧାରୀ ଗବେଷକମାନେ ନିଜ ସନ୍ଦର୍ଭକୁ ଉପସ୍ଥାପନ କରିବା ସମ୍ମେଳନର ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଗବେଷକଙ୍କ ମଧ୍ୟରେ ଡ.ହରିହର କାନୁନ୍‌ଗୋ, ଡ. କଲ୍ୟାଣୀ ନନ୍ଦୀ ଶତପଥୀ, ପ୍ରାଧ୍ୟାପକ ସୁନୀଲ ରଥ, ଡ.ଗୁରୁପ୍ରସାଦ ମହାପାତ୍ର, ଡ.ନରେଶ ଚନ୍ଦ୍ର ଦାଶ, ଡ. ଅସିତ୍ ମହାନ୍ତି, ସ୍ମରିତା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନିବେଦିତା ମହାନ୍ତି, ଜ୍ୟୋସ୍ନା ପାତ୍ର, ଡ.ଚିତ୍ତରଞ୍ଜନ ଦାଶ, ଡ. ଗୀତାରାଣୀ ମିଶ୍ର, ହେନେରିତା ମିଶ୍ର, ସନ୍ତୋଷ ରଥ, ଶ୍ୱେତପଦ୍ମା ଶତପଥୀ, ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଡଭୋକେଟ୍ ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିବା ବେଳେ ବିଶ୍ୱନାଥ ସାମନ୍ତରା, ନନ୍ଦକିଶୋର ଜେନା, ରବିନାରାୟଣ ମହାପାତ୍ର, ଗଙ୍ଗୋତ୍ରୀ ଦେବୀ, କୃଷ୍ଣଚନ୍ଦ୍ର ରଥ ଏବଂ ଶ୍ୟାମ ପ୍ରକାଶ ସେନାପତି ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଗବେଷକ ସମ୍ମେଳନ ଉଦ୍‌ଘାଟିତ


ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗବେଷକ ସମ୍ମେଳନରେ ଯୋଗଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

